ଧରିତ୍ରୀ
DHARITRI
August 25-31, 2019 ₹2/-

# ଛୁଟି ଦିନ



ସୁନ୍ଦର ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମେଢ ଦେଖି ସମସ୍ତେ ଆନନ୍ଦିତ ହୁଅନ୍ତି । କିନ୍ତୁ ମେଢତିଆରି କରିଥିବା କାରିଗରମାନଙ୍କ ସମ୍ପର୍କରେ କିଏ ଭାବିଛନ୍ତି କି? କେମିତି ପ୍ରସ୍ତୁତ କରନ୍ତି ମେଢ, କ'ଣ ଥାଏ ତାଙ୍କର ଜୀବନଶୈଳ...

## ମେଢ଼ କାରିଗର

୪
ପ୍ରଚ୍ଛଦ ପ୍ରସଙ୍ଗ

ସହରଠୁ ଦୂର
୧୩

୮/୯
ସିନେମା







# ଶରୀରରେ ଯଦି ଏହି ବ୍ୟତିକ୍ରମ ଥାଏ

ବିଭିନ୍ନ କାରଣ ହେତୁ କେତେକଙ୍କ ଶରୀରର କୌଣସି ଅଂଶରେ ବ୍ୟତିକ୍ରମ ବା କିଛି ଚିହ୍ନ ଦେଖା ଦେଇଥାଏ। ତେବେ ଏହା ଆମ ଶରୀରକୁ କୌଣସି କ୍ଷତି ପହଞ୍ଚାଇ ନ ଥାଏ କିନ୍ତୁ ଏହାର ପ୍ରଭାବ ଆମ ଜୀବନ ଉପରେ ପଡିଥାଏ ବୋଲି ବିଶ୍ୱାସ ରହିଛି । ଜାଣନ୍ତୁ ସେ ସମ୍ପର୍କରେ..



* ବାହାଡା ବା ଦାନ୍ତ ଉପରେ ଦାନ୍ତ ଉଠିଥିବା ବ୍ୟକ୍ତିମାନେ ଭାଗ୍ୟଶାଳୀ ତଥା ବିଦ୍ୱାନ ହୋଇଥାନ୍ତି। ଚରିତ୍ରରେ ଏମାନେ ସାହାସୀ ତଥା ଖୋଲା ବିଚାର ସମ୍ପନ୍ନ ହୋଇଥାନ୍ତି। ତେଣୁ ଏହି ବ୍ୟକ୍ତିମାନେ ଖୁବ କମ୍ ଏବଂ ସଚ୍ଚୋଟ ବନ୍ଧୁ ବନେଇଥାନ୍ତି।
* ହାତରେ ଛଅଟି ଆଙ୍ଗୁଳି ଥିବା ବ୍ୟକ୍ତି ମଧ୍ୟ ଭାଗ୍ୟଶାଳୀ ହୋଇଥାନ୍ତି। ଏହି ବ୍ୟକ୍ତିମାନେ ଅଧିକ ଲାଭ ଦାୟକ କାର୍ଯ୍ୟ କରିବାକୁ ତଥା କାମକୁ ବିଶ୍ଳେଷଣ କରି ସମ୍ପାଦନ କରିବାକୁ ପସନ୍ଦ କରିଥାନ୍ତି।
* ଆଖି ଡୋଳାରେ କଳାଯାଇ ଥିବା ବ୍ୟକ୍ତି ସୁଲକ୍ଷଣ ଯୁକ୍ତ ହୋଇଥାନ୍ତି। ଏମାନେ ଭାବୁକ ସ୍ୱଭାବର ତଥା ଦୂରଦୃଷ୍ଟି ସମ୍ପନ୍ନ ହୋଇଥାନ୍ତି।
* ଝିଅମାନଙ୍କ ଗାଲରେ ଡିମ୍ପଲ ଥିଲେ ସେମାନଙ୍କ ବୈବାହିକ ଜୀବନ ସୁଖପ୍ରଦ ହୋଇଥାଏ ବୋଲି ବିଶ୍ୱାସ ରହିଛି।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୫-୩୧

**ମେଷ** ଅର୍ଥ ଲାଭ, କୃତିତ୍ୱରୁ ପ୍ରଶଂସା, ପାରିବାରିକ ସଦ୍‌ଭାବ। ଭୂମି କ୍ରୟ ବିକ୍ରୟ, ନୂତନ ବନ୍ଧୁ ସମ୍ପର୍କ, ବ୍ୟବସାୟିକ ସଫଳତା, ଶାରୀରିକ ଅସୁସ୍ଥତା, ବାଦବିବାଦ, ପରିବହନରେ କ୍ଷତି, ସମସ୍ୟା ସମାଧାନ, କାମ ଅଟକି ରହିବ, ଦୂରଯାତ୍ରାର ପ୍ରସ୍ତୁତି।

**ବୃଷ** ପଦମର୍ଯ୍ୟାଦାବୃଦ୍ଧି, ଜମିଜମା ବିବାଦ, ଯାନବାହନ କ୍ରୟ, ବିଦେଶ ଯାତ୍ରା, ମନୋରଞ୍ଜନର ମଉକା, ବିଳାସ ଉପକରଣ ପ୍ରାପ୍ତି, ଆଲୋଚନାରେ ଯୁକ୍ତିତର୍କ, ବାଣିଜ୍ୟରେ ପ୍ରତିବନ୍ଧକ, କଚେରି ମାମଲା।

**ମିଥୁନ** ବିବାଦର ସମାଧାନ, ସୁବିଧାସୁଯୋଗ ମିଳିବ, ପ୍ଲଟିଙ୍ଗ୍ କାରବାରରେ ସମସ୍ୟା, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, କଚେରି ମାମଲାରେ ହନ୍ତସନ୍ତ।

**କର୍କଟ** ଅର୍ଥସଂକଟ, ମାଲିମକଦ୍ଦମା, ପାରିବାରିକ ସଦ୍‌ଭାବ, ସ୍ୱାସ୍ଥ୍ୟସମସ୍ୟା, ସଂକଟରୁ ମୁକ୍ତି, ନୂତନ କାର୍ଯ୍ୟାରମ୍ଭ, ଚାକିରି ଅଫର୍ ପାଇବେ, କାରଖାନାରେ ସମସ୍ୟା, ଅପ୍ରୀତିକର ପରିସ୍ଥିତି।

**ସିଂହ** କର୍ମ କ୍ଷେତ୍ରରେ ଯଶଖ୍ୟାତି, ହୋଟେଲ ବ୍ୟବସାୟରୁ ଲାଭ, ଋଣ ପରିଶୋଧ, ସ୍ତ୍ରୀଙ୍କ ସୁପରାମର୍ଶ। ରୋଗପୀଡାରୁ ଅସୁସ୍ଥତା, ସାଂଗଠନିକ କ୍ଷେତ୍ରରୁ ପ୍ରଶଂସା, ପ୍ରତିଯୋଗିତାରେ ସଫଳତା।

**କନ୍ୟା** ଭୋଗବିଳାସ, ଅର୍ଥ ପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି, ଉଚ୍ଚ ଆଶା, ଜିନିଷକ୍ରୟ, ନିର୍ମାଣରେ ବିବାଦ, କୃଷିଶିଳ୍ପରେ ଉନ୍ନତି, ରାଜନୈତିକ ଅସ୍ଥିରତା, ଉଲ୍ଲେଖନୀୟ କାମ।

**ତୁଳା** ନୂତନ କର୍ମାରମ୍ଭ, ଋଣପରିଶୋଧ, ସମ୍ପର୍କୀୟଙ୍କ ଅନୁକମ୍ପା, ମନୋବଳ ବୃଦ୍ଧି, ସମ୍ପର୍କରେ ନ୍ୟୁନତା, ଅନ୍ୟମନସ୍କତାରୁ ସମସ୍ୟା, ଯାନବାହନରେ କ୍ଷତି, ବ୍ୟବସାୟରେ ବାଧା, ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି, ଲୋକସମ୍ପର୍କ ବୃଦ୍ଧି।

**ବିଛା** ନିରାଶାର ପରିସମାପ୍ତି, ସରକାରୀ ସୁବିଧା, ସଭାସମିତିର ସଂଯୋଜନା, ଅଧ୍ୟୟନରେ ନିଷ୍ଠା, ଶେୟାର ବଜାରରେ ପୁଞ୍ଜି ଲଗାଣ, ରାଜନୈତିକ ସମସ୍ୟା, ନୂତନ ସମ୍ପର୍କ ସ୍ଥାପନ, ପାରିବାରିକ ସହଯୋଗ, ଆର୍ଥିକ ଅଭିବୃଦ୍ଧି।

**ଧନୁ** ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ସୁପରାମର୍ଶ। ସନ୍ତୁଳିତ ମାନସିକତା, ନିର୍ମାଣରେ ପୂର୍ଣ୍ଣତା, ସାଂଗଠନିକ ସଭା, ରଚନାତ୍ମକ କାର୍ଯ୍ୟ, ଅର୍ଥ ସମ୍ପର୍କରୁ ଝଗଡା, ପ୍ରତିବନ୍ଧକ ଦୂରହେବ, ଅପ୍ରୀତିକର ପରିସ୍ଥିତି।

**ମକର** ସମସ୍ୟା ସମାଧାନ, ସମ୍ମାନପ୍ରାପ୍ତି, ବୈଷୟିକ ଉନ୍ନତି, ବନ୍ଧୁଙ୍କ ସହଯୋଗ, ଅଜଣାଭୟ ଓ ଆଶଙ୍କା, ପରିବହନରୁ ଲାଭ, ଯାତ୍ରାରେ ଲକ୍ଷ୍ୟପୂରଣ, ସଙ୍ଗୀତରେ ସମ୍ମାନ, ଶତ୍ରୁପୀଡା, ଭ୍ରାତୃ ସମ୍ପର୍କରେ ଉନ୍ନତି।

**କୁମ୍ଭ** ସହକର୍ମୀଙ୍କ ଉଦାରତା, ଦକ୍ଷତାରୁ ପ୍ରଶଂସା, ଯାନ୍ତ୍ରିକ ଜିନିଷକ୍ରୟ, ଭୁଲ୍ ବୁଝାମଣାରୁ କଳହ, ଘରସୀମାରୁ କଳହ, ବୈବାହିକ ସମ୍ପର୍କରେ ଭଙ୍ଗା, ପ୍ରତିଯୋଗିତାରେ ବିଜୟ, ଗବେଷଣାରେ ସୁନାମ, ସନ୍ତାନଙ୍କ କୃତିତ୍ୱ, ବିବାଦର ସମାଧାନ, ବ୍ୟବସାୟିକ ଉନ୍ନତି।

**ମୀନ** ଉନ୍ନତ ଚିନ୍ତା, ପରୋପକାରରୁ ପ୍ରଶଂସା, ଭ୍ରମଣର ସୁଯୋଗ, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ବାଧା, ବନ୍ଧୁଙ୍କ ଅନାଦରଭାବ, ଯାନବାହନ ଲାଭ, କାରବାରରେ ସଫଳତା। ଋଣ ପରିଶୋଧ, ଚଳଚ୍ଚିତ୍ରରୁ ସମ୍ମାନ, ଧର୍ମକାର୍ଯ୍ୟ କରିବେ।

# ବିଲେଇଙ୍କ ଫ୍ୟାଶନ ଶୋ

ପ୍ରତିଦିନ ଦୁନିଆରେ ବିଭିନ୍ନ ପ୍ରକାରର ଫ୍ୟାଶନ ଶୋ' ଆୟୋଜିତ ହୋଇଥାଏ। କିନ୍ତୁ କେବେ ବିଲେଇଙ୍କ ଫ୍ୟାଶନ ଶୋ ସମ୍ପର୍କରେ ଶୁଣିଛନ୍ତି? ଆମେରିକାର ନ୍ୟୁୟର୍କ ସହରରେ ପ୍ରତିବର୍ଷ ବିଲେଇମାନଙ୍କ ପାଇଁ ଆୟୋଜିତ ହୋଇଥାଏ ଫ୍ୟାଶନ ଶୋ। ଏହି ଶୋ'ରେ ବିଲେଇମାନେ ପ୍ରୋଫେଶନାଲ ଡିଜାଇନରଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ରଙ୍ଗ ବେରଙ୍ଗର ପୋଷାକ ପିନ୍ଧି ଲୋକଙ୍କ ମନୋରଞ୍ଜନ କରିଥାନ୍ତି। ଆଲଗୋନକ୍ୱିନ୍ ହୋଟେଲରେ ଆୟୋଜିନ ଏହି ନିଆରା ଫ୍ୟାଶନ ଶୋରେ ଚଳିତ ବର୍ଷ ଗୋଲାପି ଶୁଟ ଏବଂ ପଗଡି ପରିହିତ 'ସେକି' ନାମକ ଏକ ବିଲେଇ ନିଜର ମାଲିକଙ୍କ ସହ ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଥିଲା। ସେହିଭଳି କଳାଧଳା ରଙ୍ଗର 'ବଲ୍‌ବୋ' ନାମକ ଏକ ବିଲେଇ ଆମେରିକାନ୍ ଫ୍ଲାଗ ପ୍ରିଣ୍ଟର ଏକ ପାଇଜାମା ଏବଂ ଏକ ଚଷମା ପରିଧାନ କରି ର୍‍ୟାମ୍ପ ୱାକ୍ କରୁଥିବାର ନଜର ଆସିଥିଲା। ଏହିଭଳି ବିଭିନ୍ନ ଦେଶର ଅନେକ ପ୍ରଜାତିର ବିଲେଇ ଭଳିକି ଭଳି ଡିଜାଇନର ପୋଷାକ ପରିଧାନ କରି ନିଜ ମାଲିକଙ୍କ ସହ ର୍‍ୟାମ୍ପ ୱାକ କରିଥିଲେ। ତେବେ ପ୍ରାଣୀମାନଙ୍କ ଲାଗି କାର୍ଯ୍ୟ କରୁଥିବା ସ୍ୱୟଂସେବକ ସଂସ୍ଥାମାନଙ୍କ ଲାଗି ପାଣ୍ଠି ସଂଗ୍ରହ କରିବା ଏହି ଫ୍ୟାଶନ ଶୋର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



# ପାଠକୀୟ

❖ବ୍ରିଟିଶ ଶାସନ କବଳରୁ ଦେଶକୁ ସ୍ୱାଧୀନ କରିବା ପାଇଁ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନର ଡାକରା ଦେଇଥିଲେ। ଯେଉଁଥିପାଇଁ ସେ ସାରା ଦେଶର କୋଣ ଅନୁକୋଣରେ ବୁଲି ଲୋକଙ୍କୁ ଏକଜୁଟ୍ କରୁଥିଲେ। ଏହି ସମୟରେ ଲୋକମାନେ ଶ୍ରଦ୍ଧାରେ ତାଙ୍କୁ ବିଭିନ୍ନ ଭେଟି ଦେଉଥିଲେ। ସେମିତି ଗାନ୍ଧିଜୀ ଓଡ଼ିଶା ଆସିବା ସମୟରେ ବି ତାଙ୍କୁ ମିଳିଥିଲା ଅନେକ ଶ୍ରଦ୍ଧାର ଭେଟି। ଗାନ୍ଧିଜୀଙ୍କୁ ଓଡ଼ିଶାର କେଉଁ କେଉଁ ସ୍ଥାନରେ କି ପ୍ରକାର ଭେଟି ମିଳିଥିଲା, ତାହାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗାନ୍ଧିଜୀଙ୍କୁ ଭେଟି' ପାଠଟି ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। 'ପୁସ୍ତକାଳୟର ଗାଁ', 'ରାଶି ଅନୁଯାୟୀ ପେଟ୍' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା।

**–ଭୁବନେଶ୍ୱରୀ ମିଶ୍ର, କେସିଙ୍ଗା, କଳାହାଣ୍ଡି**

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଗାନ୍ଧିଜୀଙ୍କୁ ଭେଟି' ପାଠଟିରୁ ଅନେକ ଅଜଣା କଥା ଜାଣିବାକୁ ମିଳିଲା। 'ଟ୍ରାଇ କଲର୍ ରାଖୀ'ର ସମସ୍ତ ଫଟୋଗୁଡ଼ିକ ବି ଖୁବ୍ ସୁନ୍ଦର ଦେଖାଯାଉଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଲେଖିକା ମୋନିଦୀପା ମଣ୍ଡଳ ଓରଫ୍ ମିମି ମଣ୍ଡଳଙ୍କ ବ୍ୟକ୍ତିଗତ ଜୀବନ ତଥା ଲେଖକୀୟ ଜୀବନ ସମ୍ପର୍କରେ ପଢ଼ିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ରାଖୀ ପୂନେଇଁ' ନାମକ ଗପଟି ମୋ ମନ କିଣିନେଲା।

**–ଦିନେଶ ରଣା, ବୁର୍ଲା, ସମ୍ବଲପୁର**

❖ସିନେମା ପୃଷ୍ଠାରେ ସ୍ଥାନିତ 'ହୋମ୍‌ସିକ୍ ଦିଶା', 'କଳା ଚଷମା ପିନ୍ଧିବେନି ନର୍ଗିସ', 'ଭୁଲି ପାରୁନାହାନ୍ତି ପରିଣିତି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଶିଶୁ ସାହିତ୍ୟିକ, ବ୍ୟଙ୍ଗକବି, ପ୍ରାବନ୍ଧିକ ନିରଞ୍ଜନ ପତିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସାଥୀର ଉତ୍ତରଗୁଡ଼ିକ ବି ଭାରି ମଜାଦାର୍ ଲାଗୁଥିଲା।

**–ସନ୍ତୋଷ ବେହେରା, ରତନପୁର, ଖୋର୍ଦ୍ଧା**

❖'ଆମ ତ୍ରିରଙ୍ଗା' ପାଠଟିରୁ ଅନେକ ନୂଆ କଥା ଜାଣିହେଲା। ମଡେଲ୍ ମିରର୍‌ରେ 'ଅଙ୍କିତା' ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'ଅଗଷ୍ଟ କ୍ରାନ୍ତି ମୈଦାନ' ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଭଉଣୀର ରାଖୀ ଉପହାର'ପାଠଟି ଏକ ହୃଦୟସ୍ପର୍ଶୀ ଆଲେଖ୍ୟ ଥିଲା।

**–ଜୟନ୍ତ ଷଡ଼ଙ୍ଗୀ, ଜୟପୁର ଛକ, ସାକ୍ଷୀଗୋପାଳ, ପୁରୀ**

❖ଏଥରର ଯାତ୍ରା ପୃଷ୍ଠାଟି ଆକର୍ଷଣୀୟ ହୋଇଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ମାତ୍ର ପାଞ୍ଚ ମିନିଟ୍' ପାଠଟି ମୋ ମନ କିଣିନେଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ସୁନା ଘୋଡା', 'ବ୍ୟାଟ୍‌ମ୍ୟାନ୍ ହୋଇ ଦେଉଛନ୍ତି ବେସାହାରା ପ୍ରାଣୀଙ୍କୁ ସୁରକ୍ଷା' ଏବଂ 'ଟା ଲାଗିବ ବିୟର ପରି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

**–ସୁନୀତା ପ୍ରଧାନ, ରାଉରକେଲା**

## ବିଶେଷ ଚିଠି

ଧରିତ୍ରୀର ଛୁଟିଦିନ
ମୋହିନିଏ ପ୍ରତିମନ।
ଆସେ ରବିବାର ଦିନ
ଆଣେ ନୂଆ ଲେଖାମାନ।
ସାଥୀର ଉତ୍ତରମାନ
ପଢ଼ି ଖୁସି ହୁଏ ମନ।
ଗପ, କବିତା, ସୃଜନ
ପଢ଼ିଲେ ଲାଗେ ନୂତନ।
ପାଠକଙ୍କୁ ନିବେଦନ
ନିଶ୍ଚେ କରିବେ ପଠନ।

**–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ**




ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ବଲିଉଡ୍ ଡିଭାଙ୍କ ହ୍ୟାଣ୍ଡବ୍ୟାଗ୍



**ଲୁକ୍‌କୁ ପରଫେକ୍ଟ କରେ ଏକ ମ୍ୟାଚିଂ ହ୍ୟାଣ୍ଡବ୍ୟାଗ୍। ଏହା ଗ୍ଲାମର୍‌କୁ ବି ବଢ଼ାଇଥାଏ। ସେଇଥିପାଇଁ ତ ବଲିଉଡ୍‌ର ଡିଭାମାନେ ଏହା ଉପରେ କରନ୍ତି ଅନେକ ଖର୍ଚ୍ଚା ଆଉ ତାଙ୍କ ପାଖରେ ଥାଏ ଦାମୀ ହ୍ୟାଣ୍ଡବ୍ୟାଗ୍‌ର ଅନେକ କଲେକ୍ସନ। ଜାଣନ୍ତୁ ସେ ସମ୍ପର୍କରେ...**

**କରୀନା କପୁର–** ବେବୋ କେବେବି ନିଜ ଲୁକ୍‌କୁ ନେଇ କମ୍ପ୍ରୋମାଇଜ୍ କରି ନ ଥାଆନ୍ତି। ସବୁବେଳେ ଷ୍ଟାଇଲିସ୍ ଆଉଟଫିଟ୍ ସହ ଟ୍ରେଣ୍ଡି ଆସେସରିଜ୍ ପେୟାର୍ କରନ୍ତି। ବିଭିନ୍ନ ଆସେସରିଜ୍ ଭିତରେ ହ୍ୟାଣ୍ଡବ୍ୟାଗ୍ ତାଙ୍କର ବହୁତ ପ୍ରିୟ। ତାଙ୍କ ପାଖରେ ଏହାର ଏକ ଭଲ କଲେକ୍ସନ ଅଛି। ଏହି କଲେକ୍ସନରେ ଅନେକ ଦାମୀ ବ୍ୟାଗ ବି ଅଛି, ଯେମିତିକି ହର୍ମେଶ୍ ବିର୍କିନ୍ ଏପ୍‌ସମ୍ ବ୍ୟାଗ୍। ଏହାର ମୂଲ୍ୟ ୮ ଲକ୍ଷରୁ ଊର୍ଦ୍ଧ୍ୱ।

**ସୋନମ କପୁର–** ବଲିଉଡ୍‌ର ଜଣେ ଷ୍ଟାଇଲିଶ୍ ଡିଭା ହେଉଛନ୍ତି ସୋନମ। ସେ ଷ୍ଟାଇଲ୍ ଆଇକନ ଭାବେ ବି ପରିଚିତ। ତାଙ୍କ ପାଖରେ ଡିଓର୍, ପୋଲ କା, ହର୍ମେଶ୍ କେଲି ଭଳି ବ୍ରାଣ୍ଡର ୧୦୦ରୁ ଊର୍ଦ୍ଧ୍ୱ ହ୍ୟାଣ୍ଡବ୍ୟାଗ୍‌ର କଲେକ୍ସନ ଅଛି। ତାଙ୍କୁ ଚ୍ୟାନେଲ୍ ବ୍ରାଣ୍ଡର ବ୍ୟାଗ୍ ବହୁତ ଭଲ ଲାଗେ, ଯାହାର ମୂଲ୍ୟ ୪ ଲକ୍ଷରୁ ଅଧିକ।

**ଶିଳ୍ପା ସେଟ୍ଟି–** ଶିଳ୍ପା ହେଉଛନ୍ତି ଏମିତି ଜଣେ ସେଲିବ୍ରିଟି, ଯେକି ସବୁବେଳେ ଫ୍ୟାନ୍‌ଙ୍କ ପାଇଁ ନୂଆ ନୂଆ ଫ୍ୟାଶନ୍ ଟ୍ରେଣ୍ଡ ତିଆରି କରିଥାଆନ୍ତି। ତାଙ୍କ ଫ୍ୟାଶନ୍‌ର ଏକ ଅଂଶ ହେଉଛି ବିଭିନ୍ନ ପ୍ରକାରର ଦାମୀ ହ୍ୟାଣ୍ଡବ୍ୟାଗ୍। ସେ ବିଶେଷକରି ଡିଓର୍ ବ୍ରାଣ୍ଡ ବ୍ୟାଗ୍ ବ୍ୟବହାର କରନ୍ତି, ଯାହାର ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ।

**ଦୀପିକା ପାଦୁକୋନ୍–** କରୀନାଙ୍କ ଭଳି ଦୀପିକାଙ୍କୁ ବି ହର୍ମେଶ୍ ବିର୍କିନ୍ ଏପସମ୍ ବ୍ୟାଗ୍ ବହୁତ ପସନ୍ଦ। ଏହି ବ୍ୟାଗ୍‌ର ମୂଲ୍ୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥାଏ।

**ପ୍ରିୟଙ୍କା ଚୋପ୍ରା–** ପ୍ରିୟଙ୍କାଙ୍କର ବି ଦାମୀ ହ୍ୟଣ୍ଡବ୍ୟାଗ୍‌ର ଏକ ଭଲ କଲେକ୍ସନ ଅଛି। ସେ ସବୁବେଳେ କ୍ୱିର୍କି ଓ ଟ୍ରେଣ୍ଡି ଆସେସରିଜ୍ ବ୍ୟବହାର କରନ୍ତି। ତାଙ୍କୁ ଭାଲେଣ୍ଟିନୋ ଗାରାବାନି ରକ୍‌ଷ୍ଟଡ୍ ବ୍ୟାଗ୍ ବହୁତ ପସନ୍ଦ, ଯାହାର ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ। ଏହା ବ୍ୟତୀତ ସେ ଅନ୍ୟ ବହୁ ଦାମୀ ବ୍ରାଣ୍ଡର ବ୍ୟାଗ୍ ବି ବ୍ୟବହାର କରନ୍ତି।



**ଅନୁଷ୍କା ଶର୍ମା–** ଅନୁଷ୍କାଙ୍କ ପ୍ରିୟ ବ୍ୟାଗ୍ କୌଣସି ଫ୍ୟାନ୍ସି ଲକ୍‌ଜ୍ୟୁରୀ ହ୍ୟାଣ୍ଡବ୍ୟାଗ୍ ନୁହେଁ। ବରଂ ଏକ କ୍ୱିର୍କି ଓ ଫନ୍ ବ୍ୟାକ୍‌ପ୍ୟାକ୍ ଅଟେ। 'ଫେଣ୍ଡି' ବ୍ରାଣ୍ଡର ଏହି ବ୍ୟାଗ୍‌ର ମୂଲ୍ୟ ୧୨ ଲକ୍ଷ।

**ଆଲିଆ ଭଟ୍ଟ–**ଆଲିଆଙ୍କୁ 'ଟିଓଡି'ର ଫ୍ରିଞ୍ଜଡ୍ ବ୍ୟାଗ୍ ବହୁତ ପସନ୍ଦ, ଯାହାର ମୂଲ୍ୟ ୧ ଲକ୍ଷ ଟଙ୍କା। ନିଜ ଗ୍ଲାମର୍‌କୁ ବଢେଇବା ପାଇଁ ସେ ଆହୁରି ଅନେକ ସୁନ୍ଦର ଓ ଦାମୀ ବ୍ୟାଗ୍ କ୍ୟାରି କରିଥାଆନ୍ତି।

**ଜ୍ୟାକଲିନ୍ ଫର୍ନାଣ୍ଡିଜ୍–** ଜ୍ୟାକ୍‌ଲିନ୍‌ଙ୍କୁ ଗୁସି ବ୍ରାଣ୍ଡର ବ୍ୟାଗ୍ କ୍ୟାରି କରିବାକୁ ଭଲ ଲାଗେ। ଏହି ବ୍ୟାଗ୍‌ଗୁଡିକର ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥାଏ।












# ମେଢ଼ କାରିଗର



**ସୁନ୍ଦର ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମେଢ ଦେଖି ସମସ୍ତେ ଆନନ୍ଦିତ ହୁଅନ୍ତି । କିନ୍ତୁ ମେଢତିଆରି କରିଥିବା କାରିଗରମାନଙ୍କ ସମ୍ପର୍କରେ କିଏ ଭାବିଛନ୍ତି କି? କେମିତି ପ୍ରସ୍ତୁତ କରନ୍ତି ମେଢ, କ'ଣ ଥାଏ ତାଙ୍କର ଜୀବନଶୈଳୀ...**

ଓଡ଼ିଶାର କଳା କାରିଗରି କୌଣସି ଗୋଟିଏ ଗାଁରେ ସୀମିତ ନୁହେଁ ବରଂ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶିଳ୍ପୀଙ୍କ ବିଭିନ୍ନ ପାରମ୍ପରିକ କଳା କାରିଗରିରେ ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟ ବେଶ୍ ସମୃଦ୍ଧ। କଳାକୃତିରେ ନିୟୋଜିତ କାରିଗରମାନେ ଏଥିରେ ରୋଜଗାର ପନ୍ଥା ପାଇଥାନ୍ତି। ପରସ୍ପରଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ। ମାଟିରେ ତିଆରି ମୃଣ୍ମୟୀ ପ୍ରତିମାର ଗଠନ ଯେତିକି ସୁନ୍ଦର, ଠିକ୍ ସେମିତି ମୂର୍ତ୍ତିଗୁଡ଼ିକ ବିରାଜମାନ କରୁଥିବା ମେଢ଼ର ସାଜସଜ୍ଜା ।

ଏହା ଦେଖଣାହାରିଙ୍କ ମନଙ୍କୁ ବେଶ୍ ଆକର୍ଷିତ କରିଥାଏ। ବିଭିନ୍ନ ପର୍ବପର୍ବାଣି ସମୟରେ ସ୍ୱତନ୍ତ୍ର ମେଢ଼ ତିଆରି ପାଇଁ କାରିଗରଙ୍କ ନାଁ ରହିଛି। ଶ୍ରୀଗଣେଶ,ବିଶ୍ୱକର୍ମା, ସରସ୍ୱତୀ, ମା' ଦୁର୍ଗା, ଲକ୍ଷ୍ମୀ କି କାଳୀପୂଜା ଆସିବା ପୂର୍ବରୁ ମେଢ଼ କାରିଗରମାନଙ୍କୁ ଖୋଜାପଡ଼େ।

**ମେଢ଼ କାରିଗର ହରିହର:** ପାର୍ବଣ ଋତୁ ଆସିଲେ ମେଢ଼ କାରିଗରମାନେ ଖୋଜାପଡ଼ନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଗ୍ରାମପଞ୍ଚାୟତ ବଳରାମପୁରର ହରିହର ମହାରଣା ମେଢ଼ କାରିଗର ଭାବେ ବେଶ୍ ଜଣାଶୁଣା। ସେ କୁହନ୍ତି, କଳ୍ପନାର ଚିତ୍ରକୁ ବାସ୍ତବ ରୂପ ଦେବା ପାଇଁ କାରିଗରମାନେ ପ୍ରୟାସ କରିଥାନ୍ତି। ଏମାନଙ୍କ କଳାଚାତୁରି ଟିକେ ନିଆରା। ବଢ଼େଇ ପରିବାରରେ ମୋର ଜନ୍ମ। ବାପା ରଘୁନାଥ ମହାରଣାଙ୍କଠାରୁ ଫର୍ନିଚର, ମାଟିମୂର୍ତ୍ତି ଓ ମେଢ଼ କାମ ଶିଖିଥିଲି। ଗୋଟିଏ ଗୋଟିଏ ମେଢ଼ ତିଆରି ପାଇଁ ପ୍ରାୟ ୨/୩ ମାସ ସମୟ ଲାଗେ। ୧୦ରୁ ୧୫ଜଣ ଏହି କାମରେ ଲାଗିଥାନ୍ତି। ପ୍ରଥମେ କେଉଁ ଆକୃତିର ମେଢ଼ ହେବ ସେଥିପାଇଁ ଏକ ଫ୍ରେମ୍ ତିଆରି କରାଯାଏ। ତା' ପରେ ଫ୍ରେମ୍‌ର ଆକାର ଅନୁଯାୟୀ ଛୋଟ ଛୋଟ ଫୁଲ, କାଗଜ, ସୋଲ କଳିକାକୁ ସେଥିରେ ଅଠା ଦ୍ୱାରା ଲଗାଯାଇଥାଏ। ଗୋଟିଏ ଗୋଟିଏ ମେଢ଼ର ଉଚ୍ଚତା ପ୍ରାୟ ୧୦ରୁ ୧୬ଫୁଟ ଯାଏ ରହିଥାଏ। ବର୍ଷକ ମଧ୍ୟରେ ପ୍ରାୟ ୨ରୁ ୩ଟି ମେଢ଼ ତିଆରି କରିବାକୁ ପଡ଼ିଥାଏ।

ପ୍ରାୟ ୪୫ବର୍ଷ ଧରି ଏମିତି ମେଢ଼ ସାଜସଜ୍ଜା କରିଆସୁଛି। ଏହି କଳାକୃତି ଏବର ନୁହେଁ, ଯୁଗ ଯୁଗର । ଚିଲିକା ଅଞ୍ଚଳର ପଞ୍ଚଦୋଳରେ ମେଢ଼ ମେଳଣ ପାଇଁ ସ୍ଥାନୀୟ ଗାଁ କମିଟି ଓ କେତେକ କ୍ଲବ ତରଫରୁ ଅଗ୍ରିମ ଅର୍ଡର ଆସିଯାଇଥାଏ। ନବା ଜଗତେଶ୍ୱର, ନୂଆଗାଁ ରାଧାକୃଷ୍ଣ, ହରିପୁର ଶମ୍ଭୁ ମେଳନ, ବାଣପୁର ପଞ୍ଚଦୋଳ ଇତ୍ୟାଦିରେ ମେଢ଼ ପ୍ରସ୍ତୁତ କରିଥାଉ। ଏଥିପାଇଁ ଡିସେମ୍ବରରୁ କାମ ଚାଲେ। ମାର୍ଚ୍ଚ ମାସରେ ଏହି ମେଢ଼ସବୁକୁ ମେଳନ ପଡ଼ିଆକୁ ନିଆଯାଇଥାଏ। ଏହି ମେଢ଼ ମେଳନ ଦେଖିବା ପାଇଁ ଲୋକେ ଅପେକ୍ଷା କରିଥାନ୍ତି। ମୋ ପୁଅ ସୁନୀଲ ପେସାରେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର କିନ୍ତୁ ସେ ଗୀତ ଲେଖିବା ବ୍ୟତୀତ ମେଢ଼ ତିଆରି କାର୍ଯ୍ୟରେ ମୋତେ ସହଯୋଗ କରିଥାଏ। ଏଯାଏ ୭୦/୭୫ଟି ମେଢ଼ କରିସାରିଲିଣି। ପ୍ରତିବର୍ଷ ପାରିଶ୍ରମିକ ହିସାବରେ ୬୦ରୁ ୮୦ହଜାର ଟଙ୍କା ମିଳିଥାଏ। ଏଥିପାଇଁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି।

**ଶ୍ୟାମାକାଳୀ ପୂଜାରେ ମେଢ଼ କରିଛି:** ପୂଜାମଣ୍ଡପରେ ସୁନ୍ଦରସୁନ୍ଦର ମେଢକୁ ଦେଖିଲେ ମନକୁ ଖୁସୀଲାଗେ ବୋଲି କୁହନ୍ତି କାଳିଚରଣ ସାହୁ ଓରଫ ଜଗଦେବ। ପିତା କୃଷ୍ଣଚନ୍ଦ୍ର ସାହୁ , ଘର ଖୋର୍ଦ୍ଧା ଜିଲାର କୁହୁଡ଼ିରେ। ସେ କୁହନ୍ତି, ମୋ ବାପା କଲିକତାରୁ ମାଟିମୂର୍ତ୍ତି କାମ ଶିଖିକି ଆସିଥିଲେ। ମାତ୍ର କୁହୁଡ଼ିର ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ନବକିଶୋର ପଟ୍ଟନାୟକଙ୍କଠାରୁ କାରିଗରି କାମ ଶିଖିଲି। ସମୟକ୍ରମେ ତାଙ୍କ ପାଖରେ ଯାଇ ମାଟି ଓ ସିମେଣ୍ଟରେ ବିଭିନ୍ନ ମୂର୍ତ୍ତି ତିଆରି ସହ ମେଢ କାରିଗରି କାମ ଶିଖିଲି । ପରେ ଆର୍ଯ୍ୟକଳା ନିଳୟ ତରଫରୁ କୁହୁଡ଼ି ବଜାରରେ ପାଳିତ ଶ୍ୟାମାକାଳୀ ପୂଜାରେ ମେଢ ତିଆରି କରିଥିଲି। ସେବେଠାରୁ ଏହିକାମ ଚାଲିଛି। ବୟସ ପ୍ରାୟ ୬୪ବର୍ଷ ହେଲାଣି ଆଜି ପର୍ଯ୍ୟନ୍ତ ଶତାଧିକ ମେଢ ତିଆରି କରିସାରିଲାଣି । ସେତେବେଳେ ଗୋଟିଏ ମେଢ କରିବା ପାଇଁ ୫୦୦ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏବେ ପ୍ରାୟ ୨୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଗୋଟିଏ ମେଢର ଉଚ୍ଚତା ପ୍ରାୟ ୧୨ଫୁଟ ହୋଇଥାଏ। ଆମ ଅଞ୍ଚଳର ସୋରଣ, କୁହୁଡ଼ି,ବରଡ଼ି ,ଖୋର୍ଦ୍ଧାର ପୁରୁସାହି ଆଦି ଗ୍ରାମରେ ଗଣେଶ, ଦୁର୍ଗା ଓ ଗଜଲକ୍ଷ୍ମୀ ପୂଜାରେ ମେଢ ତିଆରି କରିଛି। ଏହି କାମକୁ ପରିବାର ପିଲାମାନେ ଆପଣେଇଛନ୍ତି । ବଡ଼ପୁଅ ନିରଞ୍ଜନ ସାହୁ ଯୁକ୍ତ ଦୁଇ ପରେ ସେ ଖଲ୍ଲିକୋଟ ଆର୍ଟ କଲେଜରେ ସ୍ଥାପତ୍ୟକଳାରେ କୋର୍ସ କରିଛି। ପାରମ୍ପରିକ କଳା କାରିଗରିକୁ ପରିବାରର ତିନିପିଢି କରିଆସୁଛୁ।

**ଅଭାବ ଅନଟନରୁ ହିଁ କାରିଗର ହୋଇଛି:** ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ । ପିତା ଯୁଧିଷ୍ଠିର ସାହୁ, ଘର ନୟାଗଡ଼ ଜିଲାର କଣ୍ଟିଲୋ ଖୁଦ୍ ବେହେରା ପାଟଣାସାହିରେ। ସେ କୁହନ୍ତି, ବାପାଙ୍କ ସହିତ କଂସା

→




ଜର୍ଜ ଯୋସେଫ


ହରିହର ମହାରଣା


କାଳିଚରଣ ସାହୁ


ସୁନୀଲ ମହାରଣା


ପ୍ରଶାନ୍ତ କୁମାର ସାହୁ


ଜାହିର ଖାନ



ଓ ପିତଳ କାରିଗର କାମରେ ସହଯୋଗ କରୁଥିଲି । ଆମ ପରିବାରର ଆର୍ଥିକ ଅବସ୍ଥା ବିଶେଷ ଭଲ ନ ଥିଲା । କଲେଜ ପଢା ସମୟରେ ଭାବଗ୍ରାହୀ ସାହୁଙ୍କଠାରୁ ବିଭିନ୍ନ ମୂର୍ତ୍ତି କାମ ଶିଖିଥିଲି । ସମୟକ୍ରମେ କେତେକ ମନ୍ଦିରରେ ଚିତ୍ରପେଣ୍ଟିଂ ସହ ବିଭିନ୍ନ ମୂର୍ତ୍ତି ତିଆରି କରିବାର ସୁଯୋଗ ମିଳିଲା । ଏପରିକି ଗଣେଶ, ଗଜଲକ୍ଷ୍ମୀ ପୂଜା ବେଳେ ସୁନ୍ଦର ସୁନ୍ଦର ମେଢ ତିଆରି ପାଇଁ କେତେକ ବ୍ୟକ୍ତି ମତେଖୋଜିଲେ । ନୂଆକରି ମେଢ କରୁଥିବାରୁ ଅନେକ ମତେ ପ୍ରଶଂସା କଲେ । ଏପରିକି ଢେଙ୍କାନାଳ, ଭୁବନେଶ୍ୱର, ଡୁମଡୁମା, ନୟାଗଡ଼, ଖଣ୍ଡପଡ଼ା, କଣ୍ଟିଲୋ ଆଦି ସ୍ଥାନରେ ବିଭିନ ମେଢ ତିଆରି କରିଥିଲି । ଏମିତିରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ମେଢ କରି ସାରିଲିଣି । ଗୋଟିଏ ଗୋଟିଏ ମେଢ଼ ତିଆରି ପାଇଁ ପ୍ରାୟ ୧୦ରୁ ୧୫ ଦିନ ଲାଗିଥାଏ । ଅନ୍ୟପକ୍ଷେ ବାଲୁକା ଶିଳ୍ପୀ ଭାବେ ମୋର ପରିଚୟ ରହିଛି । ଏହି ପାରମ୍ପରିକ କଳା କାରିଗରି କାମରେ ବର୍ଷକୁ ପ୍ରାୟ ୨ଲକ୍ଷରୁ ଅଧିକ ଟଙ୍କା ଆୟ କରିଥାଏ ।

**ମେଢ଼ ତିଆରି ପରିବାର ପାଇଁ କୁଟୀରଶିଳ୍ପ :** ପାର୍ବଣ ଋତୁ ରେ ବିଭିନ୍ନ ପୂଜାମଣ୍ଡପରେ ପାରମ୍ପରିକ ମେଢର ସାଜସଜ୍ଜା ପାଇଁ କାରିଗରଙ୍କୁ ଖୋଜାପଡ଼େ । ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରହ୍ମଗିରି ଗାଁର ଭୀମସେନ ଦାସ ଓ ତାଙ୍କ ପୁଅ ଉମାକାନ୍ତ ଦାସ । ଆଜକୁ ୪୫ବର୍ଷ ଧରି ମେଢ କାରିଗର ଭାବେ ବେଶ୍ ନାଁ କରିଛନ୍ତି । ଭୀମସେନ କୁହନ୍ତି, ମୋ ପରିବାର ଏହି କୁଟୀରଶିଳ୍ପକୁ ଚଳାଇ ଆସୁଛନ୍ତି । ବ୍ରହ୍ମଗିରି ,ପୁରୀ, ଭୁବନେଶ୍ୱର, ବେଲପାହାଡ, ଯାଜପୁର, ଆସ୍କା, ବ୍ରହ୍ମପୁର, ବଡବିଲ ଆଦି ସ୍ଥାନରେ ମେଢକାମ କରି ବେଶ ପରିଚିତ ହୋଇପାରିଛି । ଏଯାଏ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ମେଢ କରିସାରିଲିଣି । ଗୋଟିଏ ମେଢ ତିଆରି ପାଇଁ ଏକ ସପ୍ତାହ ଲାଗିଥାଏ । ମେଢର ସାଇଜ୍ ଓ ଡିଜାଇନ ଅନୁଯାଇ ପାରିଶ୍ରମିକ ପାଇଥାଏ। ଅନ୍ୟୂନ ୩ ହଜାରରୁ ୩୦ହଜାର ଟଙ୍କାର ସାମଗ୍ରୀ ଗୋଟିଏ ମେଢରେ ଖର୍ଚ୍ଚ ହୋଇଥାଏ ।

## ମେଢ଼ ପାଇଁ ଆବଶ୍ୟକ କଞ୍ଚାମାଲ

ବାଉଁଶ ପାତିଆ, ପ୍ଲାଏ ବୋର୍ଡରେ ମେଢ଼ର ନମୁନା କରାଯାଇ ତା'ପରେ ବିଭିନ୍ନ ଡିଜାଇନ ପାଇଁ କାଗଜ, ସୁତୁଲି,ଆଟା କାଗଜ, ଆଲପିନ କଣ୍ଟା, ସୋଲ, ଧଳାକାର୍ଡବୋର୍ଡ, ଜମ୍ଭୁରା ଜରି, ଧଳା କାଗଜ, ଭେଲଭେଟ କାଗଜ, କାଚ ଆଇନା, ଜିଙ୍କ, ଲେସ, ରଙ୍ଗ, ଚୁମୁକି, ଡ଼ାଳି କଳିକାର ଚିତ୍ରକୁ ମଇଦା ଇତ୍ୟାଦି ଆବଶ୍ୟକ ସାମଗ୍ରୀକୁ ନେଇ ମେଢ ଖଞ୍ଜା ଯାଇଥାଏ । ମାତ୍ର ଦେଶୀ ସୋଲର ଅଭାବ ଏହି କାମ ପ୍ରତି ବାଧକ ସାଜୁଛି । ଏହି କଞ୍ଚାମାଲକୁ କଟକ, ବ୍ରହ୍ମପୁର ଓ ପୁରୀ ସହରରୁ କାରିଗରମାନେ କିଣି ଆଣିଥାନ୍ତି । ମେଢ ପ୍ରସ୍ତୁତିଠାରୁ ଭସାଣି ଯାଏ କାରିଗରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।


**ମେଢ଼ ପାଇଁ କଟକ ପରିଚିତି ନିଆରା:** ସାଂସ୍କୃତିକ ଓ ଐତିହ୍ୟର ସହର କଟକ ଚାନ୍ଦିମେଢ଼, ତାରକସି କାମ ପାଇଁ ଖୁବପ୍ରସିଦ୍ଧ । ପାର୍ବଣ ଋତୁ ଆସିଲେ କଟକର ମେଢ଼ କାରିଗରମାନଙ୍କ କାରିଗରି ବେଶ ବାରି ହୋଇ ପଡ଼େ । କଟକର ବାଙ୍କାବଜାରରେ ରୁହନ୍ତି ମେଢ଼ କାରିଗର ଜାହିର ଖାନ୍ । ସେ କୁହନ୍ତି, ଆମ ପରିବାରର ବାପା, ଭାଇ ମେଢ଼ କାମ କରି ଆସୁଛନ୍ତି । ପ୍ରାୟ ୧୫ବର୍ଷ ଧରି ଏହି କାମରେ ବର୍ଷକୁ ୧୨ / ୧୩ଟି ମେଢ଼ କରିବାର ସୁଯୋଗ ମିଳିଥାଏ । ପ୍ରାୟ ୧୦ରୁ ୧୫ ଫୁଟ ଉଚ୍ଚତାର ମେଢ଼ ତିଆରି କରିଥାଏ । ଚୁମୁକି ମେଢ଼, ବୁଲିଆନ ମେଢ଼ ତିଆରି କରେ । ଜରି, ଜମ୍ଭୁରା, ଭେଲ୍‌ଭେଟ କନା ମେଢ଼ ତିଆରିରେ ଲାଗେ । ଏମିତିରେ ମେଢ଼ର ଚାହିଦାକୁ ନେଇ ବର୍ଷକୁ ପ୍ରାୟ ୫ ଲକ୍ଷ ଟଙ୍କାଯାଏ ରୋଜଗାର ହୋଇପାରେ । ବକ୍ସିବଜାର, ଥୋରିଆସାହି, ଫିଲ୍ମ ବଜାର ଭଳି ବିଭିନ୍ନ ସ୍ଥାନରେ ମେଢ଼ କାରିଗରମାନଙ୍କୁ ଦେଖିବାକୁ ମିଳେ । ତେବେ କଟକର ମେଢ଼ କାରିଗରିର ନିଆରା ପରିଚିତି ରହିଛି ।

**ଥର୍ମୋକଲ ମେଢ଼ର ଚାହିଦା ବଢୁଛି:** ଜଟଣୀ ଅଞ୍ଚଳର ଜର୍ଜ ଯୋଶେଫ ଜଣେ ରଙ୍ଗ ଓ ମେଢ଼ କାରିଗର । ସେ କୁହନ୍ତି, ମୋ ବାପା ରେଳବାଇରେ ଚାକିରି କରିଥିଲେ । ସେଥିପାଇଁ ଆମେ କେରଳରୁ ଓଡ଼ିଶାର ଜଟଣୀକୁ ଆସିଥିଲୁ । ଏଠାରେ ମୋର ପାଠପଢା ହୋଇଥିଲା । ପିଲାଟି ଦିନରୁ ଡ୍ରଇଂ କରିବାକୁ ଭଲ ପାଉଥିଲି । ଏପରିକି ମୁଁ ପ୍ରାଣନାଥ କଲେଜରେ ଜୁଲୋଜିରେ ଅନର୍ସ ସାରିଲି, ମାତ୍ର ବିଭିନ୍ନ ଆର୍ଟ ପ୍ରତି ମୋର ଥିଲା ପ୍ରବଳ ଆଗ୍ରହ । ଏବେ ମୁଁ ବିଭିନ୍ନ ପ୍ରିଣ୍ଟିଂକାମରେ ଏପରିକି ସ୍ଥାନୀୟ ରାଜାବଜାର, ରେଡଙ୍ଗ କଲୋନୀ, ବିକାଶ ନଗର, ଲୋକୋ ଲାଇନରେ ଗଣେଶ ଓ ବିଶ୍ୱକର୍ମାଙ୍କ ପୂଜାବେଳେ ଥର୍ମୋକଲରେ ନୂଆ ଡିଜାଇନ୍‌ର ମେଢ ତିଆରି କରିଥାଏ । ଏଥିପାଇଁ ଗୋଟିଏ ମେଢ ତିଆରି ପାଇଁ ପ୍ରାୟ ୮ରୁ୧୦ ଦିନ ସମୟ ଲାଗିଥାଏ । ଏମିତି କାମକୁ ପିଲାଦିନେ ଦେଖି ଶିଖିଥିଲି । ଅଭ୍ୟାସ ଦ୍ୱାରା ସୁନ୍ଦର ସୁନ୍ଦର ମେଢ, ଚିତ୍ର କରିପାରିଥାଏ । ଏହି କାରିଗରି କାମ ପାଇଁ ବର୍ଷକୁ ପ୍ରାୟ ୩ଲକ୍ଷରୁ ଉର୍ଦ୍ଧ୍ୱ ଆୟ ହୋଇପାରିଥାଏ । ପ୍ରାୟ ୨୫ବର୍ଷଧରି ବିଭିନ୍ନ ଆର୍ଟକାମ ସହିତ ଏହି ମେଢ କାମକରି ପରିବାରର ଗୁଜୁରାଣ ମେଣ୍ଟାଉଛି । ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ମେଢ କାରିଗରମାନଙ୍କ କଳା କାରିଗରି ଦେଖିବାକୁ ମିଳେ ।

**–ବନବିହାରୀ ବେହେରା**
**ତଥ୍ୟସହାୟତା:ଅଜୟ ମହାରଣା, ଶ୍ରୀକାନ୍ତ ପରିଜା, ସ୍ୱାଧୀନ ଚମ୍ପତିରାୟ**


ଭୀମସେନ ଦାସ






# କାରସନ୍ ମାକ୍‌କୁଲର୍ସ


**ଆମେରିକାର ଏହି ମହାନ୍ ପ୍ରତିଭାଧାରିଣୀ ଜଣକ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଏକାଧାରରେ ଥିଲେ ଜଣେ ଔପନ୍ୟାସିକା, କ୍ଷୁଦ୍ରଗଳ୍ପ ଲେଖିକା, ନାଟ୍ୟକାର, ପ୍ରାବନ୍ଧିକା ଏବଂ କବୟିତ୍ରୀ ତାଙ୍କର ପ୍ରଥମ ଉପନ୍ୟାସ ଥିଲା 'ଦି ହାର୍ଟ ଇଜ୍ ଏ ଲୋନ୍‌ଲୀ ହଣ୍ଟର'।**


କାରସନ୍ ମାକ୍‌କୁଲର୍ସଙ୍କ ବିଷୟରେ ସବୁବେଳେ ଗୋଟିଏ କଥା କୁହାଯାଏ ଯେ ସେ ହେଉଛନ୍ତି ଜଣେ ନିଃସଙ୍ଗତାର ରୂପକାର। ସେ ଏମିତି ଜଣେ ସାହିତ୍ୟିକା ଯିଏ ନିଃସଙ୍ଗତାକୁ ତାଙ୍କର ଥିମ୍ ଭାବରେ ଗ୍ରହଣ କରିଥିଲେ। ତେବେ ସେହି ନିଃସଙ୍ଗତା ଯାହିତାହି ନିଃସଙ୍ଗତା ନ ଥିଲା। ତାହା ଥିଲା ଆଧ୍ୟାତ୍ମିକ ନିଃସଙ୍ଗତା। ମଣିଷ କିପରି ଦିନକୁଦିନ ଆଧ୍ୟାତ୍ମିକ ସ୍ତରରେ ଏକୁଟିଆ ହୋଇଯାଉଛି ତାହାର ବର୍ଣ୍ଣନା ସେ ତାଙ୍କ ପ୍ରତ୍ୟେକ ଉପନ୍ୟାସ ଓ ଗଳ୍ପରେ ଅତି ନିଖୁଣ ଭାବରେ କରୁଥିଲେ। ଆମେରିକାର ଏହି ମହାନ୍ ପ୍ରତିଭାଧାରିଣୀ ଜଣକ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଏକାଧାରରେ ଥିଲେ ଜଣେ ଔପନ୍ୟାସିକା, କ୍ଷୁଦ୍ରଗଳ୍ପ ଲେଖିକା, ନାଟ୍ୟକାର, ପ୍ରାବନ୍ଧିକା ଏବଂ କବୟିତ୍ରୀ। ତାଙ୍କର ପ୍ରଥମ ଉପନ୍ୟାସ ଥିଲା 'ଦି ହାର୍ଟ ଇଜ୍ ଏ ଲୋନ୍‌ଲୀ ହଣ୍ଟର'। ଏଥିରେ ସେ ପ୍ରଥମଥର କରି ଆଧ୍ୟାତ୍ମିକ ନିଃସଙ୍ଗତାକୁ ଫୋକସ୍ କରିଥିଲେ। ଆମେରିକାର ଦକ୍ଷିଣ ଆଡ଼କୁ ଥିବା ଏକ ଛୋଟ ସହରରେ ରହୁଥିବା ଜଣେ ବ୍ୟକ୍ତି କିପରି ନିଃସଙ୍ଗ ତାହା ଥିଲା ସେହି ଉପନ୍ୟାସର କଥାବସ୍ତୁ। ମାକ୍‌କୁଲର୍ସଙ୍କ ଉପନ୍ୟାସ ଓ ଗପକୁ ନେଇ ବହୁ ମଞ୍ଚ ନାଟକ ଓ ସିନେମା ପ୍ରସ୍ତୁତ କରାଯାଇଛି। ତାଙ୍କର ଆଉ ଗୋଟିଏ ଉପନ୍ୟାସ ହେଉଛି 'ଦି ମେମ୍ବର ଅଫ୍ ଦ ୱେଡିଂ'। ଏଥିରେ ଭାଇର ବାହାଘର ବେଳେ ଗୋଟେ ଛୋଟ ଝିଅ ମନରେ କିପ୍ରକାର ଭାବନା ସୃଷ୍ଟି ହେଉଛି ତାହା ଦର୍ଶାଯାଇଛି। ଏହାକୁ ନେଇ ଏକ ମଞ୍ଚ ନାଟକ ପ୍ରସ୍ତୁତ ହୋଇଥିଲା, ଯାହା ତାଙ୍କୁ ଅଶେଷ ସଫଳତା ଆଣି ଦେଇଥିଲା।


**ପ୍ରାଥମିକ ଜୀବନ :** ୧୯୧୭ ମସିହା ଫେବୃୟାରୀ ୧୯ ତାରିଖରେ ଜର୍ଜିଆର କଲମ୍ବସ୍‌ଠାରେ ମାକ୍‌କୁଲର୍ସଙ୍କ ଜନ୍ମ। ବାପା ଲାମେର ସ୍ମିଥ୍ ଥିଲେ ଜଣେ ବଣିଆ। ମା' ମାର୍ଗାରାଇଟ୍ ୱାଟର୍ସ ଥିଲେ ଜଣେ ସୁଗୃହିଣୀ। ତାଙ୍କ ମୂଳ ନାମ ଥିଲା ଲୁଲା କାର୍ସନ ୱାଟର୍ସ। ତାଙ୍କର ଜଣେ ସାନଭାଇ ଓ ଜଣେ ସାନଭଉଣୀ ଥିଲେ। ସେମାନେ ହେଉଛନ୍ତି ଲାମେର ଜୁନିୟର ଏବଂ ମାର୍ଗାରାଇଟ୍ ଜୁନିୟର। ଦଶବର୍ଷ ବୟସରେ ମାକ୍‌କୁଲର୍ସଙ୍କୁ ପିଆନୋ ଶିଖିବା ପାଇଁ ଦିଆଯାଇଥିଲା। ସେ ମଧ୍ୟ ଖୁବ୍ ଭଲ ପିଆନୋ ବଜାଉଥିଲେ। ତେବେ ପନ୍ଦର ବର୍ଷ ବେଳକୁ ତାଙ୍କର ରୁଚି ଜାଣି ତାଙ୍କର ବାପା ତାଙ୍କୁ ଏକ ଟାଇପ୍ ରାଇଟର ଆଣିଦେଲେ। ଆଉ ସେ ଷ୍ଟୋରି ଲେଖିବା ଉଚିତ ବୋଲି କହି ଉତ୍ସାହିତ ମଧ୍ୟ କରିଥିଲେ।


**ଲେଖିବାର ଆରମ୍ଭ :** ଏମିତି ଗୋଟେ ଗୋଟେ ଘଟଣା ଘଟେ, ଯାହା ସମଗ୍ର ଜୀବନର ମୋଡ଼ ବଦଳେଇଦିଏ। ମାକ୍‌କୁଲର୍ସ ପିଆନୋ ଶିଖିବା ପାଇଁ ଏକ ଷ୍ଟିମ୍‌ଶିପ୍‌ରେ ବସି ନ୍ୟୁୟର୍କ ଯାତ୍ରା କରୁଥିଲେ। ଯୋଜନା ଥିଲା ଜୁଲିଆର୍ଡ ସ୍କୁଲ୍ ଅଫ୍ ମ୍ୟୁଜିକ୍‌ରେ ପିଆନୋ ଶିଖିବେ। ମାତ୍ର ସେଥିପାଇଁ ସେ ଯେଉଁ ଅର୍ଥ ନେଇଥିଲେ ତାହା ହଜି ଯାଇଥିଲା। ସେ ସେଠାରେ ଚଳିବା ପାଇଁ ଛୋଟମୋଟ କାମ କଲେ। ଆଉ ସେହି କାମ ଭିତରେ ଗୋଟିଏ କାମ ଥିଲା ଅନ୍ୟମାନଙ୍କ ପାଇଁ ଲେଖିବା। ସେ ନ୍ୟୁୟର୍କରେ ରହିବା ପାଇଁ ଏଭଳି ଭାବରେ କାମ କଲେ ଯେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ସେ ପୁଣିଥରେ ଘରକୁ ଫେରିଆସିଲେ। ତେବେ ସେତେବେଳକୁ ତାଙ୍କ ଭିତରେ ଲେଖିବାକୁ ନେଇ ନିଶା ବଢ଼ି ଯାଇଥିଲା। ଆଉ ସେ ଏହି ନିଶାକୁ ମଉଳି ଯିବା ପାଇଁ ଦେଇ ନ ଥିଲେ। ନିଷ୍ପତ୍ତି ନେଲେ ଯେ ସେ ଲେଖାଲେଖିକୁ ନିଜର କ୍ୟାରିୟର କରିବେ।








**ଦାମ୍ପତ୍ୟ ଜୀବନ :** ଖୁବ୍ ଶୀଘ୍ର ତାଙ୍କର ବାହାଘର ହୋଇଯାଇଥିଲା। ତାହାର କାରଣ ଥିଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା। ପରିବାର ଲୋକମାନେ ଚାହୁଁ ନ ଥିଲେ ସେ ଏପଟସେପଟ ହେଇ କାମ କରନ୍ତୁ। ଆଉ ତାହା ତାଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉ। ପରିଶେଷରେ ସେ ରିଭିସ୍ ମାକ୍‌କୁଲାର ନାମକ ଜଣେ ସେନାଧିକାରୀଙ୍କୁ ବିବାହ କଲେ। ରିଭିସ୍ ତାଙ୍କର ଜଣେ ଭଲ ସ୍ୱାମୀ ଓ ଭଲ ବନ୍ଧୁ ଥିଲେ। ଦାମ୍ପତ୍ୟ ଜୀବନ ସୁଖମୟ ଥିଲା। ସେ ତାଙ୍କ ସ୍ୱାମୀ ବିଷୟରେ ମତବ୍ୟକ୍ତ କରି କହୁଥିଲେ ଯେ, ତାଙ୍କ ସ୍ୱାମୀ ଜଣେ ଏମିତି ବ୍ୟକ୍ତି ଯିଏ ସବୁବେଳେ ଜଣେ ଦକ୍ଷ ପତ୍ନୀ ଆଶା କରୁଥିଲେ। ଆଉ ତାଙ୍କୁ ପାଇ ସେ ତାଙ୍କର ସେହି ସ୍ୱପ୍ନକୁ ପୂରା କରିପାରିଛନ୍ତି।

**ଶେଷ ଜୀବନ :** ମାକ୍‌କୁଲର୍ସ ବ୍ୟକ୍ତିଗତ ଜୀବନରେ ବେଶ୍ ବିକ୍ଷୁବ୍ଧ ଥିଲେ। ଉପରକୁ ସେ ଖୁବ୍ ଶାନ୍ତ ଦିଶୁଥିଲେ ସତ, ମାତ୍ର ଭିତରେ ସେ ଥିଲେ ଏକ ଭଉଁରି କାଟୁଥିବା ଜଳଧାର। ସେଥିଲାଗି ଆଲକୋହଲ୍‌କୁ ସେ ନିଜର କରିନେଇଥିଲେ। ତାହା ତାଙ୍କୁ ଜୀବନର ଶେଷ ଆଡ଼କୁ ଖୁବ୍ ଅଡୁଆରେ ପକେଇଥିଲା। ସେଥିରେ ପୁଣି ସେ ପିଲାଟି ବେଳୁ ଥିଲେ ରୋଗଣା। ୩୧ବର୍ଷ ବୟସରେ ତାଙ୍କୁ ପକ୍ଷାଘାତ ଘାରିଥିଲା। ଆଉ ତାଙ୍କର ବାମପଟଟି ସମ୍ପୂର୍ଣ୍ଣ ପକ୍ଷାଘାତଗ୍ରସ୍ତ ହୋଇଯାଇଥିଲା। ମାତ୍ର ୫୦ବର୍ଷ ବୟସରେ ତାଙ୍କର ପ୍ରାଣହାନି ଘଟିଥିଲା।



# ପ୍ରେମ

–ଖଗେଶ୍ୱର ଖଣ୍ଡୁଆଳ

ପ୍ରେମ ଝୁଣ୍ଟି ପଡିବାର ଇଚ୍ଛାଟିଏ
ପୁଣି ଉଠିଯିବାକୁ ଆଶ୍ରା
ଖୋଜୁଥିବା ନୀରବ ନିବେଦନଟିଏ ।

ପ୍ରେମ ଅସ୍ପଷ୍ଟ ଅନ୍ଧାରଟିଏ
ପୁଣି ଉଜ୍ଜ୍ୱଳତାର ଶିଖାଟିଏ ।

ପ୍ରେମ ବ୍ୟାକୁଳତାର ଭଣ୍ଡାରଟିଏ
ପୁଣି ପ୍ରଶାନ୍ତିର ପ୍ରବାହଟିଏ ।

ପ୍ରେମ ଆକସ୍ମିକ ଘଟୁଥିବା
ଅପରାଧଟିଏ ପୁଣି
ପ୍ରାୟଶ୍ଚିତ୍ତର ପ୍ରମାଣଟିଏ ।
ପ୍ରେମ ସ୍ମୃତିର ସମାଧିଟିଏ
ପୁଣି କାହା ପୁନର୍ଜନ୍ମର କାମନାଟିଏ ।

–ଅରିଲୋ, ସୋମପୁର, କଟକ,

# ଋଷି ଓ ପ୍ରଜାପତି

–ରତ୍ନପ୍ରଭା ନାଥ

ପ୍ରଜାପତିଟି ଫୁଲରେ ଫୁଲରେ
ତାରାରେ ତାରାରେ
ଉଡି ଚାଲିଛି, ଏଠୁ ସେଠିକୁ

ସ୍ୱର୍ଗରୁ ଓହ୍ଲାଇ ଆସିଥିବା
ସଦ୍ୟସ୍ନାତା ନାରୀର କବରୀରୁ
ଇନ୍ଦ୍ରାସନ ପ୍ରାପ୍ତି ନେଇ
ତପସ୍ୟାରତ
ଋଷିର ଜଟାୟୁ ପର୍ଯ୍ୟନ୍ତ
ପ୍ରଜାପତିଟି ଉଡୁଛି ପବନରେ
କାମନାର ଅଗ୍ନି ବିଞ୍ଚି ବିଞ୍ଚି
କ୍ରୋଧୀ ଋଷିର ଅଭିଶାପ ପୂର୍ବରୁ
ପ୍ରଜାପତିଟି ମାପିସାରିଥାଏ
ଋଷି ଦେହର ତାତି
ଆଉ ନାରୀ ଦେହର ବାସ୍ନା

–ମଲ୍ଲିକ୍ କମ୍ପ୍ଲେକ୍ସ, ଜାଗମରା,
ଭୁବନେଶ୍ୱର

# ପ୍ରଶଂସା

ଡ. ସୁଲଗ୍ନା ମହାନ୍ତି

ସେଦିନ ଅଫିସରୁ ଫେରିଲା ପରେ ଶ୍ରୀମତୀଙ୍କୁ ଘରେ ଦେଖି ଆଶ୍ଚର୍ଯ୍ୟ ହେଲେ ଷଡ଼ଙ୍ଗୀବାବୁ । ସବୁଦିନ ସନ୍ଧ୍ୟାରେ ତ ଶ୍ରୀମତୀ ଯାନ୍ତି ପଡିଶା ଘର ଲେଙ୍କାବାବୁଙ୍କ ଘରକୁ। ଦୁଇଘଣ୍ଟା ଧରି ଚାଲେ ଖଟି । ଫେର ଆଜି କେମିତି ଶ୍ରୀମତୀ ଘରେ ଅଛନ୍ତି? ଲେଙ୍କାବାବୁଙ୍କ ସ୍ତ୍ରୀ ତ ଆସି ଯାଇଛନ୍ତି ସକାଳୁ! ନିଜ ପୁଅବୋହୂଙ୍କ ପାଖରୁ ବୁଲି ଆଜି ହିଁ ଦିଲ୍ଲୀରୁ ଫେରିଛନ୍ତି ସେମାନେ । ଆଉ ଏବେ ଲେଙ୍କାବାବୁଙ୍କ ଘର ପାରେଇକି ଆସିଲା ବେଳକୁ ଲେଙ୍କାବାବୁଙ୍କ ସ୍ତ୍ରୀଙ୍କ କଣ୍ଠସ୍ୱର ବି ସେ ଶୁଣିଥିଲେ । ସେଥିରୁ ଜାଣି ପାରିଲେ କୁଆଡେ ବାହାରକୁ ବି ଯାଇନାହାନ୍ତି । ହେଲେ ବି ଶ୍ରୀମତୀ କାହିଁକି ଆଜି ଘରେ ? ଆଶ୍ଚର୍ଯ୍ୟ ହେଲେ ଷଡ଼ଙ୍ଗୀବାବୁ ।

ଲେଙ୍କାବାବୁଙ୍କ ସ୍ତ୍ରୀ ବୟସରେ ଶ୍ରୀମତୀଙ୍କଠୁ ଯଥେଷ୍ଟ ବଡ଼ । ହେଲେ ଗୁଲିଗପ କ'ଣ ବୟସର ତାରତମ୍ୟକୁ ମାନେ ? ସନ୍ଧ୍ୟା ହେଲେ ଲେଙ୍କାବାବୁଙ୍କ ସ୍ତ୍ରୀ ଆଉ ଶ୍ରୀମତୀ ହଜି ଯାଆନ୍ତି ସେଇ ଗପର ଦୁନିଆରେ । କିଏ କାଶିଲା କିଏ ଛିଙ୍କିଲା ସବୁ କଥା ପଡେ । ହେଲେ ସବୁଠୁ ବେଶି ଗୁଲି ଯାହା ବିଷୟରେ ହୁଏ– ସେମାନେ ହେଲେ ଷଡ଼ଙ୍ଗୀବାବୁଙ୍କ ମା' ଆଉ ଲେଙ୍କାବାବୁଙ୍କ ବୋହୂ ଟିନା ।

ଲେଙ୍କାବାବୁଙ୍କ ସ୍ତ୍ରୀ ନିଜ ବୋହୂର ଚଉଦ ପୁରୁଷ ଉଦ୍ଧାର କଲା ବେଳେ ତାଙ୍କ ସାଙ୍ଗରେ ତାଳକୁ ତାଳ ମିଳେଇ ଶ୍ରୀମତୀ କହିଚାଲନ୍ତି ନିଜ ମନ୍ଥରା ଶାଶୁଙ୍କ ବିଷୟରେ । ଲେଙ୍କାବାବୁଙ୍କ ସ୍ତ୍ରୀ କୁହନ୍ତି କେମିତି ଟିନାକୁ କିଛି କାମ ଜଣା ନାହିଁ । କେମିତି ସିଏ ରୋଷେଇ କଲେ କେହି ମୁହଁରେ ଦେଇପାରିବେନି। ଆଉ କେମିତି ସିଏ ସବୁ ଘରଲୋକଙ୍କୁ ପଛକରି ଗୋଟେ ଘରେ କବାଟ କିଳିକି ଗୋଟେ ନିଆଁଲଗା ପାଠ ପଢୁଥାଏ ।

ଆଉ ଶ୍ରୀମତୀ ବଖାଣନ୍ତି କେମିତି ଶାଶୁ ତାଙ୍କୁ କାମ କରେଇ କରେଇ ତାଙ୍କ ଅଣ୍ଟା ପିଠି ଏକ୍ କରିଦିଅନ୍ତି। କେମିତି ବାହାଘରର ଏତେ ଦିନ ପରେ ବି ଶାଶୁଘରକୁ ଗଲେ ମୁକ୍ତି ନାହିଁ ତାଙ୍କର। କେମିତି ଆଜି ବି ସେ ନୂଆ ଲୁଗାଟିଏ ପିନ୍ଧିଦେଲେ ଶାଶୁଙ୍କର ଦିହରେ ନିଆଁ ଲାଗିଯାଏ । ଶେଷରେ ନିଜ ନିଜର ପୋଡାଭାଗ୍ୟକୁ ଦୋଷ ଦେଇ ଦୁହିଁଙ୍କ ଆସର ଭାଙ୍ଗେ। ଉଠିଲା ବେଳକୁ କୁହନ୍ତି ହଁ ସଂସାରର ନିୟମ ହିଁ ଏଇଟା । ଭଲ ଲୋକକୁ ଖରାପ ଲୋକ ହିଁ ଜୁଟିବେ ।

ସବୁଦିନ ଚାଲୁଥିବା ଏଇ ଖଟିରେ ଏବେ ମାସଟିଏ ବ୍ରେକ୍ ଲାଗିଥିଲା ଲେଙ୍କାବାବୁ ଆଉ ତାଙ୍କ ସ୍ତ୍ରୀ ଦିଲ୍ଲୀ ଯାଇଥିବାରୁ। ଦୁଇଦିନ ହେଲା ଚାତକ ଭଳି ତାଙ୍କ ଆସିବା ବାଟକୁ ଚାହିଁଥିଲେ ଶ୍ରୀମତୀ। ଆଉ ତାଙ୍କ ଗୁଲିଗପରେ ଏତେ ସାରା ଇତିହାସ ଜାଣିଥିବାରୁ ଆଜି ଶ୍ରୀମତୀଙ୍କୁ ଘରେ ଦେଖି ମନରେ ଖଟକା ଲାଗିଥିଲା ଷଡ଼ଙ୍ଗୀବାବୁଙ୍କୁ ।

ଶ୍ରୀମତୀଙ୍କୁ ବାଥ୍‌ରୁମରେ ପଶିବା ଦେଖି ଚୁପକି ଯାଇ ଝିଅ ରୂପା ପାଖରେ ବସିପଡି ଷଡ଼ଙ୍ଗୀ ବାବୁ ପଚାରିଲେ– ଆଲୋ ରୂପା । ଆଜି ତୋ ମା' ଲେଙ୍କାବାବୁଙ୍କ ଘରକୁ ଯାଇନି କି ?

– ଯାଇଥିଲା ତ ! ନିଜ ସ୍ମାର୍ଟଫୋନରେ ମେସେଜ ଚେକ୍ କରୁ କରୁ ଉତ୍ତର ଦେଲା ରୂପା ।

ଷଡ଼ଙ୍ଗୀବାବୁ ଆଶ୍ଚର୍ଯ୍ୟ ହେଲେ ଆଉ ପୁଣି ପଚାରିଲେ– ତା'ହେଲେ ଏତେ ଶୀଘ୍ର କାହିଁକି ଚାଲି ଆସିଲା ସେ।

ବାପା କଥା ଶୁଣି ହସିଲା ରୂପା । ତା'ପରେ ତାଙ୍କୁ ଚାହିଁ କହିଲା– ହଁ । ମୁଁ ବି ତାକୁ ସେଇ କଥା ପଚାରିଲି । ତା'ପରେ ଜାଣିଲି କି ମାଉସୀଙ୍କ ବୋହୂ ଟିନା ଭାଉଜ ଆଇଏଏସ ପାଇଗଲା ପରେ ତାଙ୍କ ଆଟବାଟ, ଚାକର ବାକର, ଅର୍ଦ୍ଦଲି ଦେଖି ମାଉସୀଙ୍କ ଆଖି କୁଆଡେ ଟେରା । ସେଇଠି ମାସଟିଏ ସ୍ୱର୍ଗସୁଖ ଭୋଗ କରି ଫେରିଛନ୍ତି ସେ । ଆଉ ସେଇଠୁ ଆସିଲା ପରଠୁ ଟିନା ଭାଉଜଙ୍କୁ ଖାଲି ପ୍ରଶଂସାରେ ପୋତି ପକଉଛନ୍ତି ସେ । ବୋଉ କହିଲା ସେଠି କିଏ ବସିବ ବା ? ମୋର କାମଧନ୍ଦା କିଛି ନାହିଁକି ? ତାଙ୍କ ବୋହୂର ସେ ଅଲଣା ପ୍ରଶଂସା ଗୁଡା କିଏ ଶୁଣିବ ! ଏଇ ଦି ଚାରିଦିନର ରଙ୍ଗ ଖାଲି ରହିଲେ ହେଲା । ହୁଁ... । ଆଉ ସେଇଥି ପାଇଁ ବୋଉ ଆଜି ସେଠୁ ଶୀଘ୍ର ଚାଲି ଆସିଛି ।

ଏତିକି କହିସାରି ରୂପା ଫେଁ କିନି ହସି ପକେଇଲା । ଷଡ଼ଙ୍ଗୀବାବୁ ଆଉ କିଛି ନ କହି ଦୀର୍ଘ ନିଃଶ୍ୱାସଟିଏ ଛାଡିଲେ । ସେ ବୁଝି ଯାଇଥିଲେ ଯେ ପ୍ରତିଦିନ ସନ୍ଧ୍ୟାରେ ବସୁଥିବା ଏଇ ଗୁଲିଖଟି ଆସରରେ ପରର ନିନ୍ଦା ଆଉ ପରର ଚର୍ଚ୍ଚା ପାଇଁ ତ ପର୍ଯ୍ୟାପ୍ତ ସ୍ଥାନ ଥାଏ, ହେଲେ ଏଥିରେ ପରର ପ୍ରଶଂସା ପାଇଁ କୌଣସି ସ୍ଥାନ ନ ଥାଏ ।

*–ଆସିଷ୍ଟାଣ୍ଟ ପ୍ରଫେସର*
*ଅମୃତା ବିଶ୍ୱବିଦ୍ୟାଳୟ, କୋଏମ୍ବାଟୁର, ତାମିଲନାଡୁ*



## ଚ୍ୟାଲେଞ୍ଜ ଦେବେ ବିଶ୍ୱରୂପ

ନବାଗତ ବିଶ୍ୱରୂପଙ୍କୁ ନେଇ ଏବେ ଚର୍ଚ୍ଚା। ନିଜର ପ୍ରଥମ ସିନେମାକୁ ନେଇ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ତାଙ୍କ ଅଭିନୀତ ଡେବ୍ୟୁ ଫିଲ୍ମ 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍' ରିଲିଜ ଅପେକ୍ଷାରେ ରହିଛି। ଆଉ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ବିଶ୍ୱରୂପ। ପ୍ରଥମ ଅଫର ମିଳିବା ସମ୍ପର୍କରେ ସେ କହନ୍ତି, 'ନିର୍ଦ୍ଦେଶକ ସରୋଜକାନ୍ତ ଜଣେ ନାମୀ ଅଭିନେତାଙ୍କୁ ଆଖି ଆଗରେ ରଖି ଏହାର ସ୍କ୍ରିପ୍ଟ ରଚନା କରିଥିଲେ। ହେଲେ କେତେକ କାରଣରୁ ସେହି ଅଭିନେତା ରାଜି ନ ହେବାରୁ ଅଫରଟି ମୋତେ ମିଳିଥିଲା। ମୋ ସହ ଆଲୋଚନା ସମୟରେ ନିର୍ଦ୍ଦେଶକ ମୋତେ ଟାଇଟଲ ଭୂମିକାରେ ଅଭିନୟ କରିବାକୁ କହିଥିଲେ। କାହାଣୀଟି ମୋତେ ଏତେ ପ୍ରଭାବିତ କରିଥିଲା ଯେ ତାଙ୍କୁ ମୁଁ ମନା କରିପାରି ନ ଥିଲି। ପିଲାଟି ଦିନରୁ ଜଣେ ପିଲା ସ୍ୱପ୍ନ ଦେଖେ ସେ କିପରି ବକ୍ସର ହେବ। ଗରିବ ଘରେ ଜନ୍ମ ହୋଇଥିଲେ ମଧ୍ୟ ନିଜ ଆଶାକୁ ପୂରଣ କରିବାକୁ ସେ ସହରକୁ ଯାଉଛି। ସେଠାରେ ତା' ଜୀବନରେ କିପରି ପରିବର୍ତ୍ତନ ଆସୁଛି ଏବଂ ସେ ନିଜ ଲକ୍ଷ୍ୟ ପୂରଣ କରିପାରୁଛି କି ନାହିଁ ତାହା ସିନେମାଟି ଦେଖିଲେ ଜାଣିପାରିବେ। ଏହି ଭୂମିକା ମୋ ପାଇଁ ଏକ ଚ୍ୟାଲେଞ୍ଜ। ତାହାକୁ ସଫଳ କରିବାକୁ ବେଶ୍ ପରିଶ୍ରମ କରିଛି ଏବଂ ଦର୍ଶକ ମୋ ପରିଶ୍ରମର ମୂଲ୍ୟ ବୁଝିବେ ବୋଲି ଆଶା ରଖିଛି।' ଏ. ବି. କ୍ରିଏଶନ୍ସ ବ୍ୟାନରରେ ତଥା ବିଶ୍ୱଜିତ ମିଶ୍ରଙ୍କ ପ୍ରଯୋଜନାରେ ଫିଲ୍ମରେ ସଂଯୋଜିତ ପାଞ୍ଚଟି ଗୀତକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡନାୟକ। ଚଳଚ୍ଚିତ୍ରରେ ବିଶ୍ୱରୂପଙ୍କ ବ୍ୟତୀତ ଅମ୍ରିତା, ତନୁଷ୍କା, ମନୋଜ ମିଶ୍ର, ଜୟା, ଭବାନୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତ । ସିନେମାଟି ଆସନ୍ତା ମାସ ଶେଷ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି।



## ଆଶାରେ କାର୍ତ୍ତିକ

କାର୍ତ୍ତିକ ଆର୍ଯ୍ୟନଙ୍କ ଆଖିରେ ଆଖିଏ ସ୍ୱପ୍ନ। ଯେଉଁଭଳି ଭୂମିକାଟିଏ ଆଶା କରୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ସେ ଏବେ 'ଭୁଲ ଭୁଲେୟା-୨'ରେ ଅଭିନୟ କରୁଛନ୍ତି। ଫିଲ୍ମର ଶୁଟିଂ ଚାଲୁ ଥିବା ସମୟରୁ ହିଁ ସେ ଏହାର ପ୍ରଚାର ପ୍ରସାରରେ ଲାଗି ପଡିଛନ୍ତି। ନିକଟରେ ସେ ନିଜ ସୋସିଆଲ ସାଇଟ୍‌ରେ ଫିଲ୍ମରେ ନିଜର ଗେଟ୍‌ଅପକୁ ପୋଷ୍ଟ କରିଛନ୍ତି। କେବଳ ସେତିକି ନୁହେଁ, ନିଜର ଅଭିନୟ ଜୀବନ ସମ୍ପର୍କରେ ସେ କିଛି କଥା ମଧ୍ୟ ସୂଚିତ କରିବାକୁ ଭୁଲିନାହାନ୍ତି। ତାଙ୍କ ପ୍ରିୟ ଅଭିନେତା ହେଲେ ଅକ୍ଷୟ କୁମାର। ଅକ୍ଷୟଙ୍କ ଅଭିନୀତ 'ଭୁଲ ଭୁଲେୟା'ର ସିକ୍ୱେଲରେ ଯେ ସେ ଅଭିନୟ କରିବେ ସେ କଥା କେବେ କଳ୍ପନା କରି ନ ଥିଲେ। ଏଭଳି ଏକ ଅଫର ପାଇବା ପରେ ତାଙ୍କର ଖୁସିର ସୀମା ରହି ନ ଥିଲା। 'ଭୁଲ ଭୁଲେୟା-୨' ଆସନ୍ତାବର୍ଷ ଜୁଲାଇ ୩୧ରେ ପରଦା ଉପରକୁ ଆସିବ। ଭୂଷଣ କୁମାର, ମୁରାଦ ଖେତାନି ଏବଂ କ୍ରିଷ୍ଣନ କୁମାରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶକ ସାଜିଛନ୍ତି ଆନିସ ବାଜ୍‌ମି।





ପ୍ରଭାସ -ଶ୍ରଦ୍ଧା

## ଯାହାକୁ ଡରୁଥିଲେ ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବଂ ପ୍ରଭାସଙ୍କୁ ନେଇ ନିର୍ମିତ 'ଶାହୋ' ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଏହି ବିଗ୍ ବଜେଟ୍ ଫିଲ୍ମଟି ବଲିଉଡ୍‌ରେ ରେକର୍ଡ କରିବ ବୋଲି ସିନେକ୍ରିଟିକମାନେ ପୂର୍ବାନୁମାନ କରିସାରିଲେଣି। ନିକଟରେ ଏହାର ଏକ ନୂଆ ପୋଷ୍ଟର ରିଲିଜ ହୋଇଛି। ଏଥିରେ ଶ୍ରଦ୍ଧା ଏକ ରିଭଲଭର ଧରି ପ୍ରଭାସଙ୍କ କୋଳରେ ବସିଛନ୍ତି। ଶ୍ରଦ୍ଧା ପୂର୍ବରୁ ଯାହାକୁ ଡରୁଥିଲେ ଏଠାରେ ତାଙ୍କୁ ତା'ସହ ପୋଜ୍ ଦେବାକୁ ପଡିଛି। କଥା କ'ଣ କି ରିଭଲଭରକୁ ସେ ଭାରି ଡରନ୍ତି। ହେଲେ ଏହି ଫିଲ୍ମରେ ତାଙ୍କୁ ରିଭଲଭର ଧରିଥିବାର ଦେଖିବାକୁ ମିଳିବ। ପ୍ରଭାସଙ୍କ ସହ ଶ୍ରଦ୍ଧାଙ୍କର ଏପରି ପୋଜ୍‌ର ପୋଷ୍ଟର ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏକାଧାରରେ ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ନିର୍ମିତ ଏହି ଫିଲ୍ମରେ ମହେଶ ମଞ୍ଜୋରକର, ଜ୍ୟାକି ଶ୍ରଫ, ନୀଲ ନିତିନ ମୁକେଶ, ମୁରଲୀ ଶର୍ମା ଏବଂ ଚଙ୍କି ପାଣ୍ଡେ ଅଭିନୟ କରିଛନ୍ତି।

## ଅପେକ୍ଷାର ଫଳ ମିଠା

କଥାରେ ଅଛି 'ଅପେକ୍ଷାର ଫଳ ମିଠା'। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବାକୁ ପଡିଥାଏ। ନିଜକୁ ଏକ ମନପସନ୍ଦର ସିନେମା ଏବଂ ରୋଲ୍ ମିଳିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିବାକୁ ମାଇଣ୍ଡ ମେକ୍‌ଅପ କରିସାରିଛନ୍ତି। ସେ ହେଲେ ନବାଗତା ଅମ୍ରିତା ପୁରୀ। ୨୦୧୦ରେ ନିର୍ମିତ ତଥା ସୋନମ କପୁରଙ୍କ ଅଭିନୀତ 'ଐସା'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏପରି କି ସେହି ବର୍ଷର ଫିଲ୍ମ ଫେୟାର ପୁରସ୍କାର ପାଇଁ ଶ୍ରେଷ୍ଠ ନବାଗତା (ପାର୍ଶ୍ୱ ଅଭିନେତ୍ରୀ) ପାଇଁ ତାଙ୍କ ନାମ ନୋମିନେଶନ ଲିଷ୍ଟରେ ଥିଲା। ତା'ପରେ ସୁଶାନ୍ତ ସିଂ ରାଜପୁତ-ଅମ୍ରିତାଙ୍କ ଅଭିନୀତ 'କାଇ ପୋ ଚେ' ହିଟ୍ ହୋଇଥିଲା, ହେଲେ ସବୁ କ୍ରେଡିଟ୍ ନେଇଥିଲେ ସୁଶାନ୍ତ। ପରବର୍ତ୍ତୀ ସମୟରେ ସେ କେତୋଟି ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ସେଗୁଡିକ ଫ୍ଲପ ହୋଇଥିଲା। କିନ୍ତୁ ଏବେ ସେ ମାପିଚୁପି ଚାଲିବାକୁ ସ୍ଥିର କରିଛନ୍ତି । ଏ ବିଷୟରେ ସେ କହନ୍ତି, 'ଆକ୍ଟିଂ ଲାଇନ୍‌ରେ ବେଶ୍ ସତର୍କତା ସହ ଚାଲିବାକୁ ପଡିବ। ଏଣୁତେଣୁ ସିନେମାରେ ଅଭିନୟ କରିବା ଅପେକ୍ଷା ବର୍ଷକୁ ଗୋଟିଏ ଦୁଇଟି ଫିଲ୍ମରେ ଆକ୍ଟିଂ କଲେ କିଛି କ୍ଷତି ନାହିଁ। ଏବେ ମୋ ହାତରେ ୨-୩ଟି ଅଫର ରହିଛି।' ତେବେ ନାୟିକା ଦୌଡ଼ରେ ଅମ୍ରିତା କେତେଦୂର ଆଗେଇ ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଅମ୍ରିତା ପୁରୀ

## ଆଲିୟାଙ୍କ ନୀରବତା

ଆଲିୟାଙ୍କ ନୀରବତାକୁ ନେଇ ଏବେ ଚର୍ଚ୍ଚା। ସେ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ହେଲେ ଏହାର କାରଣ କ'ଣ ତାହା ସେ କହିବାକୁ ନାରାଜ। ଶୁଣିବାକୁ ମିଳୁଛି ଯେ ନିଜ ଆକ୍ଟିଂ କ୍ୟାରିୟରକୁ ନୂଆ ରୂପ ଦେବାକୁ ସେ ପ୍ଲାନିଂ କରୁଛନ୍ତି। ତେଣୁ ଏଥିରୁ ଯେପରି ସେ ଆନମନା ନ ହୁଅନ୍ତି ତେଣୁ ଅଧିକାଂଶ ସମୟ ଚୁପ୍ ରହୁଛନ୍ତି। ନିକଟରେ ସେ ଏକ ସ୍କୁଲର ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ସେ ଏକା ନୁହନ୍ତି ସେ ଅଭିନୟ କରୁଥିବା 'ବ୍ରହ୍ମାସ୍ତ୍ର'ର ନିର୍ଦ୍ଦେଶକ ଆର୍ଯ୍ୟନ ମୁଖାର୍ଜୀ ମଧ୍ୟ ତାଙ୍କ ସହ ଥିଲେ। ଏହି କାର୍ଯ୍ୟକ୍ରମରେ ଦୁହେଁ ନିଜ ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ପିଲାମାନଙ୍କ ସହ ଶେୟାର କରିଥିଲେ। କେବଳ ସେତିକି ନୁହେଁ, ପିଲାମାନଙ୍କ ସହ ସେଲ୍‌ଫି ନେବାକୁ ଦୁହେଁ ଭୁଲି ନ ଥିଲେ।



# ପ୍ରଥମ ଦରମା ଟଙ୍କା ଘରକୁ ପଠାଇଥିଲି

ପ୍ରଥମ ରୋଜଗାର



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ **ଡ. ସୁରେନ୍ଦ୍ର ନାଥ ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ଗାଁର ବ୍ରାହ୍ମଣ ଶାସନରେ ମୋ ଜନ୍ମ। ଜନତା ଉଚ୍ଚବିଦ୍ୟାଳୟରୁ ୧୯୬୨ରେ ଏକାଦଶ ପାସ୍ କରି ଗୋଦାବରୀଶ ମହାବିଦ୍ୟାଳୟରେ ପ୍ରି-ୟୁନିଭର୍ସିଟି, ରେଭେନ୍ସାରେ ଗ୍ରାଜୁଏଶନ୍ ଓ ବାଣୀବିହାରରେ ଓଡ଼ିଆରେ ଏମ୍.ଏ. କଲି। ତା'ପରେ କେନ୍ଦୁଝର କଲେଜରେ ଆଡହକ୍‌ରେ ଓଡ଼ିଆ ଅଧ୍ୟାପକ ଭାବେ ଚାକିରି ପାଇଲି। ଦରମା ୪୩୩ ଟଙ୍କା। ୪ ଭାଇଭଉଣୀ(ତିନି ଭାଇ ଓ ଗୋଟେ ଭଉଣୀ)ଙ୍କ ଭିତରେ ମୁଁ ଥିଲି ସବାସାନ। ମୋତେ ପଢ଼ାଇବା ପାଇଁ ମା'ବାପାଙ୍କ ସମେତ ଭାଇଭଉଣୀ ବି ଅନେକ ତ୍ୟାଗ କରିଥିଲେ। ତେଣୁ ପ୍ରଥମ ଦରମା ଟଙ୍କା ଘରକୁ ପଠାଇଥିଲି। ପ୍ରାୟ ଦୁଇ ବର୍ଷ ଅଧ୍ୟାପକ ଚାକିରି କରିବା ପରେ ଓଡ଼ିଶା ସୂଚନା ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଲୋକସମ୍ପର୍କ ଅଧିକାରୀ ଭାବେ ସୁନ୍ଦରଗଡ଼ରେ ୭ମାସ ଓ ସମ୍ବଲପୁରରେ ୮ମାସ କାମ କରିଥିଲି। ତା'ପରେ ପୁଣି ଅଧ୍ୟାପନା କ୍ଷେତ୍ରକୁ ଫେରି ଆସିବାକୁ ଚିନ୍ତା କରି ଓଡ଼ିଶା ଏଜୁକେଶନ ସର୍ଭିସ୍ ଏକ୍ସାମ୍ ଦେଇ କୃତକାର୍ଯ୍ୟ ହେଲି। ଆଉ ୧୯୭୮ରେ ପାରଳାଖେମୁଣ୍ଡିସ୍ଥିତ ଏସ୍.କେ.ସି.ଜି. କଲେଜରେ ସରକାରୀ ଓଡ଼ିଆ ଅଧ୍ୟାପକ ଭାବେ ଯୋଗଦେଲି। ସେଠାରେ ପ୍ରାୟ ୬/୭ ବର୍ଷ କାମ କରିବା ଭିତରେ ଦୁଇବର୍ଷ ସରକାରୀ ଅନୁମତି କ୍ରମେ ଛୁଟିରେ ରହି ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି. କଲି। ପ୍ରଫେସର୍ ଡ. ବଂଶୀଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଚଉତିଶା ଉପରେ ଥେସିସ୍ ଲେଖି ୧୯୮୪ରେ ଡକ୍ଟରେଟ୍ ଡିଗ୍ରୀ ହାସଲ କଲି। ପ୍ରଫେସର୍ ଡ. ବଂଶୀଧର ଥିଲେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ। ତାଙ୍କ ସଂସ୍ପର୍ଶରେ ଆସି ମୋ ଭିତରେ ବି ଜଗନ୍ନାଥଙ୍କ ପ୍ରତି ଭକ୍ତିଭାବ ଜାତହେଲା। ଆମେ ଦୁହେଁ ମିଶି 'ଶ୍ରୀଜଗନ୍ନାଥ' ନାମରେ ଏକ ପତ୍ରିକା ପ୍ରକାଶ କଲୁ, ଯାହାର ମୁଖ୍ୟ ସମ୍ପାଦକ ପ୍ରଫେସର୍ ଡ. ମହାନ୍ତି ଥିଲେ ଆଉ ମୁଁ ଥିଲି ତା'ର କାର୍ଯ୍ୟକାରୀ ସମ୍ପାଦକ। ଏହାପରେ ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ନାମରେ ଏକ ଅନୁଷ୍ଠାନ ଆମେ ଗଢ଼ିଲୁ, ଯାହାର ସଭାପତି ଥିଲେ ପ୍ରଫେସର୍ ଡ. ମହାନ୍ତି ଆଉ ମୁଁ ଥିଲି ସାଧାରଣ ସମ୍ପାଦକ। ଉକ୍ତ ପ୍ରତିଷ୍ଠାନ କଥା ବୁଝିବା ସହ ଅଧ୍ୟାପନା ବି କରୁଥିଲି। ଏସ୍.କେ.ସି.ଜି. କଲେଜ ପରେ ରାଜଧାନୀ କଲେଜରେ ବି ୪/୫ ବର୍ଷ ଅଧ୍ୟାପନା କଲି।

ତା'ପରେ ଚାକିରି କ୍ଷେତ୍ରରେ କେତେକ ଅସୁବିଧା ଉପୁଜିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ବିଜେବି କଲେଜରେ ୪ଦିନ କାର୍ଯ୍ୟକରି ଜୁଲାଇ ୧୯୯୦ରେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ପ୍ରାଧ୍ୟାପକ ଭାବେ ଯୋଗଦେଲି। ଏଠି ବି ଚାକିରିରେ କିଛିଟା ସମସ୍ୟା ଉପୁଜିଥିଲା ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ ଠିକ୍‌ଠାକ୍ ହୋଇ ୧୯୯୯ରେ ପ୍ରଫେସର୍ ଭାବେ ପ୍ରମୋଶନ ପାଇଲି। ଆଉ ୨୦୦୧ରେ ଚାକିରିରୁ ଅବସର ନେଲି। ଯା'ଭିତରେ ମୋ ତତ୍ତ୍ୱାବଧାନରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏମ୍‌ଫିଲ୍, ୨ ଜଣ ଡି.ଲିଟ୍ ଏବଂ ୪୦ରୁ ଊର୍ଦ୍ଧ୍ୱ ଗବେଷକ, ଗବେଷିକା ପିଏଚ୍.ଡି. ଡିଗ୍ରୀ ହାସଲ କରିସାରିଲେଣି। ଅବସର ପରେ ମୋତେ ୟୁଜିସି ତରଫରୁ ତିନୋଟି ପ୍ରୋଜେକ୍ଟ ଉପରେ କାମ କରିବାର ଦାୟିତ୍ୱ ମିଳିଥିଲା। ଓଡ଼ିଶାରେ ଶ୍ରୀଜଗନ୍ନାଥ ମନ୍ଦିର, ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଶ୍ରୀମନ୍ଦିର ଭିତରେ ଯେଉଁ ପାରମ୍ପରିକ ଶବ୍ଦର ବ୍ୟବହାର କରାଯାଉଛି ତା' ଉପରେ ଗବେଷଣା କରିବାର ଦାୟିତ୍ୱ। ଏସବୁ ଗବେଷଣା କରିବାକୁ ଯାଇ ମୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରାୟ ୧୭୩୧ଟି ଏବଂ ଭାରତର ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୩୭୨୧ଟି ଶ୍ରୀଜଗନ୍ନାଥ ମନ୍ଦିରର କ୍ଷେତ୍ରୀୟ ସର୍ବେକ୍ଷଣ କରି ତା'ର ଇତିହାସ ସଂଗ୍ରହ କରିଥିଲି। ଆଉ ସେହି ତଥ୍ୟ ଉପରେ ଆଧାର କରି ଇଂଲିଶ ଭାଷାରେ 'ମହାପ୍ରଭୁ ଶ୍ରୀଜଗନ୍ନାଥ: ଦି ଲର୍ଡ୍ ଅଫ୍ ଦି ୟୁନିଭର୍ସ' ନାମରେ ଏକ ପୁସ୍ତକ ଦିଲ୍ଲୀ ପ୍ରତିଭା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହେଲା। ସେହିପରି ମନ୍ଦିରରେ ଯେଉଁ ପାରମ୍ପରିକ ଶବ୍ଦର ବ୍ୟବହାର କରାଯାଏ ତା' ଉପରେ ଗବେଷଣା କରି 'ଶ୍ରୀମନ୍ଦିର ଶବ୍ଦକୋଷ' ନାମରେ ଆଉ ଏକ ବହି ବି ମୋର ପ୍ରକାଶ ପାଇଲା। ପରବର୍ତ୍ତୀ କାଳରେ ଶ୍ରୀମନ୍ଦିର ସମ୍ପର୍କରେ ବିଭିନ୍ନ ରିପୋର୍ଟ, ବିଭିନ୍ନ କମିଶନଙ୍କ ସୁପାରିସ, ଭକ୍ତ ଓ ସେବାୟତଙ୍କ ଦ୍ୱାରା ଶ୍ରୀମନ୍ଦିରକୁ ଆଧାରିତ କରି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ ନେଇ ଅନ୍ୟ ଏକ ପୁସ୍ତକ 'ନୋଟ୍ସ ଆଣ୍ଡ ରିପୋର୍ଟ୍ସ ଅନ୍ ଶ୍ରୀଜଗନ୍ନାଥ ଟେମ୍ପଲ ପୁରୀ' ୨୦୧୮ରେ ପ୍ରକାଶିତ ହେଲା। ବର୍ତ୍ତମାନ ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଉପରେ ମୋର ଗବେଷଣା କାର୍ଯ୍ୟ ଚାଲୁ ରହିଛି। କେବଳ ଓଡ଼ିଶା କାହିଁକି ଭାରତ ବାହାରେ ମଧ୍ୟ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର କାର୍ଯ୍ୟ ବି ମୋର ଚାଲିଛି। ଏସବୁ ପ୍ରକଳ୍ପ ବା କାର୍ଯ୍ୟକ୍ରମକୁ ସଫଳ କରିବାରେ ମହାପ୍ରଭୁଙ୍କ ଆଶୀର୍ବାଦ ସହିତ ପ୍ରତିଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଶ୍ରୀଯୁକ୍ତ ଅଲେଖ କୁମାର ଦାସଙ୍କ ସହଯୋଗ ଚିରସ୍ମରଣୀୟ। ପରିଶେଷରେ ଏତିକି କହିବି, ଶ୍ରୀଜଗନ୍ନାଥ ଚେତନା ଏକ ଚିରନ୍ତନ ଶାଶ୍ୱତ ଚେତନା, ଏହାଦ୍ୱାରା ଅନୁପ୍ରାଣିତ ହେଲେ ବ୍ୟକ୍ତି ତା'ର ଜୀବନକୁ ସରସ, ସୁନ୍ଦର, ମଧୁମୟ କରିବା ସଙ୍ଗେ ସଙ୍ଗେ ସମଗ୍ର ମାନବ ସମାଜକୁ ବସୁଧୈବ କୁଟୁମ୍ବକମ୍ ଚେତନାରେ ଉଦ୍‌ବୁଦ୍ଧ କରିପାରିବ।

*-ଅସ୍ମିତା*

# ଚୋରା ଚାହାଣିରେ ଘାଇଲା କରି, ନିମିଷକେ କଲା ମନକୁ ଚୋରି




**ପ୍ରଶ୍ନ–**ଜଣେ ସୁନ୍ଦରୀର ଚୋରା ଚାହାଣି ମୋ ମନକୁ ଚୋରି କରି ନେଇଛି। ହେଲେ ତାକୁ କେମିତି ପ୍ରେମ ନିବେଦନ କରିବି ଜାଣିପାରୁନାହିଁ।

*-ଅମନ କୁମାର, ଅନୁଗୋଳ*

**ଉତ୍ତର:** ଚୋରା ଚାହାଣିରେ ଘାଇଲା କରି,ନିମିଷକେ କଲା ମନକୁ ଚୋରି। ମନ ଯଦି ଚୋରି ହୋଇ ଯାଇଛି ତେବେ ପ୍ରେମ ନିବେଦନ କରିବାକୁ ପାଦ କାହିଁକି ପଛକୁ ପକାଉଛନ୍ତି କହିଲେ ? ବାସ୍, ବେଳକାଳ ଦେଖି ଏମିତି ଗେମ୍ ଖେଳନ୍ତୁ ଯେମିତି ପ୍ରେମ ମିଶନ ଏକାଥରେ ସକ୍‌ସେସ ହେବ। ପ୍ରେମର ପ୍ରଥମ ପାହାଚରେ ପାଦ ଦେଉ ଦେଉ ମନରେ ଟିକେ ଡର ଆସିବା ସ୍ୱାଭାବିକ। ହେଲେ ସାହସ ଏକଜୁଟ୍ କରି ଆଗାନ୍ତୁ। ନ ହେଲେ ଆପଣଙ୍କ ମନର ମାନସୀ ଆଉ କାହା ମନରେ ବସା ବାନ୍ଧିବା ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ।

**ପ୍ରଶ୍ନ–**କେତେକ ପ୍ରେମିକ ଏବଂ ପ୍ରେମିକାଙ୍କ ମଧ୍ୟରେ ସାମାନ୍ୟ ଭୁଲ ବୁଝାମଣା ଯୋଗୁ ଅନେକ ସମୟରେ ସେମାନେ ମୃତ୍ୟୁକୁ ଶେଷ ବାଟ ବୋଲି ବାଛି ନିଅନ୍ତି। କାହିଁକି ?

*-ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:**ପ୍ରେମରେ ଏପାଖ ସେପାଖ ହେଲେ ପ୍ରେମୀଯୁଗଳଙ୍କ ମନ ଆନ୍ଦୋଳିତ ହୋଇଥାଏ। ଏପରି ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ ଅନେକ ପ୍ରକାର ନକାରାତ୍ମକ ଚିନ୍ତାଧାରା ମନରେ ଉଙ୍କି ମାରେ। ହଁ-ନାହିଁର ଦୋଛକିରେ ଛିଡା ହୋଇ ଏପରି ଭୁଲର ହିସାବ ନିକାଶ କରୁ କରୁ ସେମାନଙ୍କ ମନ ବେଳେ ବେଳେ ମୃତ୍ୟୁ ଆଡକୁ ଅଗ୍ରସର ହୁଏ। ହେଲେ ସେପରି ମାନସିକତା ଆଦୌ ଠିକ୍ ନୁହେଁ। ଏହି ସମୟରେ ବୁଝି ବିଚାରି ନିଷ୍ପତ୍ତି ନେବା ଦରକାର।

**ପ୍ରଶ୍ନ–**ପ୍ରେମ ଆଖିର ଇସାରାରୁ ସୃଷ୍ଟି ହୁଏ। ଜଣେ ଝିଅ ମୋତେ ସବୁବେଳେ କଣେଇ କଣେଇ ଚାହିଁଲା। କିଛି ଦିନ ପରେ ଯେତେବେଳେ ତାକୁ 'ଆଇ ଲଭ୍ ୟୁ' କହିଲି ସେତେବେଳେ ସେ ମୁହଁକୁ ତଳକୁ ପୋତି ଚାଲିଗଲା। ଏବେ କ'ଣ କରିବି ?

*-ଆଶୁତୋଷ ନାୟକ, ସୋନପୁର*

**ଉତ୍ତର:**ପ୍ରେମର ପହିଲି ଇସାରାରେ ମନ ଏମିତି ଉତ୍‌ଫୁଲ୍ଲିତ ହୋଇଯାଏ ଯେ, ସେତେବେଳେ ଭଲ ମନ୍ଦ ବିଚାର କରିବା କଥା ମନକୁ ଆସେନା। ସେହି ଝିଅର ଚାହାଣି ଆପଣଙ୍କୁ ଏମିତି ପାଗଳ କରିଦେଲା ଯେ ତା'ର ମାନସିକତାକୁ ଆପଣ ଭଲ ଭାବରେ କ୍ଷୁଡି କରିପାରିଲେ ନାହିଁ। ଯେତେବେଳେ ତାକୁ ପ୍ରେମ ନିବେଦନ କଲେ ସେ ମୁହଁ ପୋତି ଚାଲିଗଲା। ହୁଏତ ସେହି ନୀରବତା ପଛରେ ତାହାର ପ୍ରେମ ଲୁଚି ରହିଥାଇପାରେ। ଆଉ ଥରେ ଚେଷ୍ଟା କରିପାରନ୍ତି। ଯଦି ଗ୍ରୀନ ସିଗନାଲ ମିଳିଲା ଭଲ ନ ହେଲେ ସେଭଳି ପ୍ରେମକୁ ଯେତେ ଶୀଘ୍ର ଭୁଲିଯିବା ହିଁ ଭଲ ହେବ।

**ପ୍ରଶ୍ନ–**ମୁଁ ବିବାହିତ। କିଛି ମାସ ହେବ ମୁଁ ଶାଳୀ ପ୍ରେମରେ ପଡ଼ିଯାଇଛି। ଏହି ପ୍ରେମକୁ କିପରି ଆଗକୁ ଆଗେଇବି ଜାଣିପାରୁନି।

*-ଡି.କେ., ବଡ଼ବିଲ, କେନ୍ଦୁଝର*

**ଉତ୍ତର:** ପ୍ରଥମ କଥା ହେଲା, ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ଯଦି ଶାଳୀ ପ୍ରେମରେ ମତୁଆଲା ହୋଇ ଆଗାନ୍ତି ଏବଂ ସେହି କଥା ଆପଣଙ୍କ ଧର୍ମପତ୍ନୀ ଜାଣିପାରନ୍ତି ସେତେବେଳେ ପରିସ୍ଥିତି କ'ଣ ହେବ ଚିନ୍ତା କରିପାରୁଛନ୍ତି। ତେଣୁ ଥଣ୍ଡା ମୁଣ୍ଡରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ। ନ ହେଲେ ନେଡିଗୁଡ କହୁଣିକୁ ବୋହିଯିବା ପରେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ କେହି ନ ଥିବେ।

# କଲର୍‌ଫୁଲ୍ ସ୍ନିକର୍ସ



କଲର୍‌ଫୁଲ୍ ସ୍ନିକର୍ସ ଏତେ ଭର୍ସାଟାଇଲ୍ ଯେ ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପେୟାର୍ କରି ପିନ୍ଧିହେବ। ତା'ଛଡ଼ା ଏଥିରେ ମଇଳା ଲାଗିଲେ ସହଜରେ ଜଣା ପଡୁ ନ ଥିବାରୁ ଏହାକୁ ସଫା କରିବାକୁ ନେଇ ବେଶି ଟେନ୍‌ସନ ବି ନ ଥାଏ...



ସ୍ନିକର୍ସ ଏମିତି ଏକ ସୁ', ଯାହାକୁ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ବି ମିଳିଥାଏ। ପୂର୍ବେ କେବଳ ଧଳା ରଙ୍ଗର ସ୍ନିକର୍ସ ହିଁ ମାର୍କେଟ୍‌ରେ ମିଳୁଥିଲା। କିନ୍ତୁ ପରିବର୍ତ୍ତିତ ସମୟାନୁସାରେ, ଏହା ବିଭିନ୍ନ ରଙ୍ଗରେ ମାର୍କେଟ୍‌ରେ ଉପଲବ୍ଧ ହେଲା। ଏବେ ତ କଲର୍‌ଫୁଲ୍ ସ୍ନିକର୍ସର ଚାହିଦା କାହିଁରେ କେତେ।

### କାହିଁକି ପିନ୍ଧାଯାଏ କଲର୍‌ଫୁଲ୍ ସ୍ନିକର୍ସ

କଲର୍‌ଫୁଲ୍ ସ୍ନିକର୍ସର ଡିମାଣ୍ଡ ସବୁବେଳେ ରହିଥାଏ। କାରଣ ଏଥିରେ ମଇଳା ଲାଗିଲେ ସହଜରେ ଜଣାପଡି ନ ଥାଏ। ଫଳରେ ଏହାକୁ ସଫା କରିବାକୁ ନେଇ ଅଧିକ ଟେନ୍‌ସନ୍ ନେବାକୁ ପଡେନାହିଁ। ଦ୍ୱିତୀୟରେ ଏହା ଏତେ ଭର୍ସାଟାଇଲ୍ ହୋଇଥାଏ ଯେ ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପେୟାର କରି ପିନ୍ଧିହୁଏ। ଖାସ୍ କରି ସ୍କର୍ଟ, ୱାନ୍ ପିସ୍ ଡ୍ରେସ୍, ଡେନିମ୍, ସର୍ଟ୍ସ ତଥା ପ୍ରାୟ ସବୁ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ ଏହା ଭଲ ମାନିଥାଏ। ଆଜିକାଲି ତ ଦେଖିବାକୁ ମିଳୁଛି କିଛି ଯୁବତୀ ଶାଢୀ ତଥା ଲେହେଙ୍ଗା ସହିତ ବି ଏହାକୁ ପେୟାର୍ କରି ଟିକେ ଡିଫରେଣ୍ଟ ଲୁକ୍ ପାଇବାକୁ ଟ୍ରାଏ କରୁଛନ୍ତି। ତେବେ କେଉଁ କଲର୍‌ର ସ୍ନିକର୍ସ ସହିତ କେଉଁ ଆଉଟ୍‌ଫିଟ୍ ବେଶି ଭଲ ମାନିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

### କିଛି ଟିପ୍ସ

*ଗ୍ରେ ତଥା ପେଷ୍ଟାଲ କଲର୍ ସ୍ନିକର୍ସ ପ୍ରାୟ ସବୁ ରଙ୍ଗର ଆଉଟ୍‌ଫିଟ୍ ସହ ବେଶ୍ ଭଲ ମାନିଥାଏ। କେହି କେହି ତ ଗ୍ଲିଟର୍ ଟପ୍ସ ସହିତ ବି ମ୍ୟାଚିଂ ସ୍ନିକର୍ସ ପିନ୍ଧି ପାର୍ଟିକୁ ଯାଉଥିବାର ଦେଖିବାକୁ ମିଳୁଛି।

*ହାଲ୍‌କା ରଙ୍ଗର ଆଉଟ୍‌ଫିଟ୍ ସହ ଟିକେ ଗର୍ଜିୟସ୍ କଲର୍‌ର ସ୍ନିକର୍ସ ପିନ୍ଧିଲେ, ଏହା ଟିକେ ଟ୍ରେଣ୍ଡି ଲୁକ୍ ଦେଇଥାଏ।

*ସେହିପରି ଇନ୍ଦ୍ରଧନୁ ପରି ମଲ୍ଟିକଲର୍‌ର ସ୍ନିକର୍ସ ବି ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଏହାକୁ ପିନ୍ଧିଲେ ମିଜାଜ୍ ବି ରଙ୍ଗିନ ହୋଇଗଲା ପରି ଅନୁଭବ ହୋଇଥାଏ। ଖାସ୍ କରି ମିଡ୍ ଲେନ୍ଥ ଡ୍ରେସ୍ ଓ ଡେନିମ୍ ପ୍ୟାଣ୍ଟ୍ସ ସହ ଏହା ପରଫେକ୍ଟ ମ୍ୟାଚ୍ କରିଥାଏ।


*ଅନ୍ୟପକ୍ଷେ ଯେଉଁ କଲର୍‌ଫୁଲ୍ ସ୍ନିକର୍ସରେ ଧଳା ରଙ୍ଗର ବ୍ୟବହାର ଟିକେ ଅଧିକ ହୋଇଥାଏ, ତାକୁ ଆଉଟ୍‌ଡୋର୍ ଅପେକ୍ଷା ଇନ୍‌ଡୋର୍ ପାର୍ଟିରେ ପିନ୍ଧିଲେ ହିଁ ଠିକ୍ ରହିଥାଏ।


*ପାର୍ଟି ପାଇଁ ଆପଣ ଚାହିଁଲେ କଳା ରଙ୍ଗର ୱାନ୍‌ପିସ୍ ଡ୍ରେସ୍ ସହିତ ମ୍ୟାଚିଂ କରି କଳା ରଙ୍ଗର ସ୍ନିକର୍ସ ପିନ୍ଧିପାରିବେ, ଏହା ଗ୍ଲାମରସ ଲୁକ୍ ଦେବ।

*ଅନ୍ୟପକ୍ଷେ ପେଷ୍ଟାଲ୍ କଲର୍ ପ୍ୟାଣ୍ଟ ସହିତ ନାଲି କିମ୍ବା ଗୋଲାପୀ ରଙ୍ଗର ସ୍ନିକର୍ସ ବି ଭଲ ମାନିଥାଏ।

*ସେହିପରି ଯେ କୌଣସି ବ୍ରାଇଟ୍ କଲର୍‌ର ସ୍ନିକର୍ସ ହେଉନା କାହିଁକି ତାହାକୁ ବ୍ଲାକ୍ କିମ୍ବା ଗ୍ରେ କଲର୍‌ର ଆଉଟ୍‌ଫିଟ୍ ସହ ପିନ୍ଧିଲେ, ଏହା କିଛି ଖରାପ ଦେଖାଯାଏ ନାହିଁ। ତେଣୁ ଆଉ ଡେରି କାହିଁକି କଲର୍‌ଫୁଲ୍ ସ୍ନିକର୍ସ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇବାକୁ ଏବେ ପ୍ରସ୍ତୁତ ହୋଇଯାଆନ୍ତୁ ନା !













ଦେବୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କମଲ ଫଟୋଗ୍ରାଫି**

## ହାଃ ହାଃ

### ଚେମିଷ୍ଟ

ଚୋପଡା ଅଙ୍କଲଙ୍କୁ ପପୁ- ଅଙ୍କଲ୍ ଆପଣ ଚେମିଷ୍ଟ ନା ?
ଅଙ୍କଲ- ଚେମିଷ୍ଟ ନୁହେଁ କେମିଷ୍ଟ।
ପପୁ- ହେଲେ ତା'ର ସ୍ପେଲିଂ ତ ସିଏଚ୍‌ରୁ ଆରମ୍ଭ।
ଅଙ୍କଲ-ସିଏଚ୍, 'ଚ'ନୁହେଁ 'କ' ହେବ।
ପପୁ- ଓଃ ! କୋପଡା ଅଙ୍କଲ।

### କ'ଣ କର

ମୀରା ରମେଶକୁ- ତମେ କ'ଣ କର ?
ରମେଶ- ସିଏ।
ମୀରା- ଆରେ ୱାଃ, ଚାଟାର୍ଡ ଆକାଉଣ୍ଟାଣ୍ଟ !
ରମେଶ-ନା। କମ୍ପ୍ଲିଟ୍ ଆରାମ୍...।

### ପ୍ରଥମ ଦିନ

ବିବାହ ପରର ପ୍ରଥମ ଦିନରେ ଶାଶୁ ବୋହୂକୁ- ଆଜିଠାରୁ ଏଇ ଘର ତୋ'ର। ତୁ ମୋ ବୋହୂ ନୁହେଁ ଝିଅ। ଆଉ ମୁଁ ଶାଶୁ ନୁହେଁ ମା'।
ବୋହୂ- ହଉ ମା'। ତାହେଲେ ମୁଁ ଆଉ କିଛି ସମୟ ଶୋଇପଡୁଛି। ମାତ୍ର ୭ଟା ହେଇଛି, ୧୦-୧୧ଟାରେ ଉଠେଇ ଦେବ। ଆଉ ପ୍ଲିଜ୍ ଚା'ନେଇକି ଆସିଥିବ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଅରିତାର



ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଅନେକ ଐତିହାସିକ ସ୍ମୃତିକୁ ନିଜ ଭିତରେ ସାଇତି ରଖିଥିବା ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଅରିତାରର ବେଶ୍ ନାଁ ରହିଛି। ଘଞ୍ଚ ଜଙ୍ଗଲ ସାଙ୍ଗକୁ ଝରଣା, ହ୍ରଦ ଓ ତା' ସହିତ ବୋଟିଂ ତଥା ଟ୍ରେକିଂର ମଜା ନେବାକୁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଲାଗିରହେ..



ସିକ୍କିମ୍‌ସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଅରିତାରର ବେଶ୍ ନାଁ ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଇତିହାସକୁ ନିଜ ଭିତରେ ସାଇତି ରଖିଥିବାରୁ ଦେଶବିଦେଶର ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି। ଖାସ୍ କରି ଏଠାକାର ଘଞ୍ଚ ଜଙ୍ଗଲ, ପାହାଡ଼ ତଥା ଆକର୍ଷଣୀୟ ଝରଣାର ସୌନ୍ଦର୍ଯ୍ୟ ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ।

### କେବେ ଓ କେମିତି ଯିବେ

ବର୍ଷସାରା ଅରିତାରର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିଲେ ହେଁ ବର୍ଷାଦିନ ତୁଳନାରେ ବାକି ଅନ୍ୟ ସମୟରେ ଏଠାକୁ ଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ତେବେ ବାଗ୍‌ଡୋଗ୍ରା ଏହାର ନିକଟତମ ମୁଖ୍ୟ ବିମାନବନ୍ଦର ହୋଇଥିବାବେଳେ ନ୍ୟୁ ଜଲପାଇଗୁଡ଼ି ଜଙ୍କଶନ୍ ରେଲଓ୍ୱେ ଷ୍ଟେଶନ ହେଉଛି ଏହାର ନିକଟତମ ରେଲଷ୍ଟେଶନ।

### କ'ଣ ଦେଖିବେ

ଅରିତାରରେ ବି ଏମିତି ଅନେକ ଦର୍ଶନୀୟ ସ୍ଥାନ ରହିଛି, ଯେଉଁଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲି ଯାଇଥାନ୍ତି। ଯେମିତିକି:

**ଲମ୍ପୋଖରୀ :** ଏହା ହେଉଛି ସ୍ଥାନୀୟ ଏକ ପ୍ରାଚୀନ ହ୍ରଦ। ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଏବେ ଏଠାରେ ବୋଟିଂର ବ୍ୟବସ୍ଥା ମଧ୍ୟ କରାଗଲାଣି।

**ଡାକବଙ୍ଗଳା:** ଏହାକୁ କେହି କେହି ଅରି ବଙ୍ଗଳା ବୋଲି ମଧ୍ୟ କହିଥାନ୍ତି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ବଙ୍ଗଳାଟି କୁଆଡେ ୧୮୯୫ ମସିହାରେ ବ୍ରିଟିଶ ସରକାରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏତେ ପୁରୁଣା ହୋଇଥିଲେ ମଧ୍ୟ ଏବେ ବି ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରୁଛି।


**ପାର୍ବତେଶ୍ୱର ଶିବାଳୟ ମନ୍ଦିର:** ଏହା ହେଉଛି ସ୍ଥାନୀୟ ଏକ ଶିବ ମନ୍ଦିର। ବର୍ଷର ସବୁ ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିଲେ ହେଁ ଖାସ୍ କରି ଶ୍ରାବଣ ମାସରେ ପ୍ରଭୁଙ୍କ ଦର୍ଶନ ସହିତ ଜଳଲାଗି କରିବା ପାଇଁ ଏଠାକୁ ବୋଲ୍‌ବମ୍ ଭକ୍ତଙ୍କର ସୁଅ ଛୁଟିଥାଏ।


**ମନ୍‌ଖିମ୍:** ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୬୫୦୦ ଫୁଟ ଉଚ୍ଚତାରେ ଥିବା ସ୍ଥାନୀୟ ଏକ ପ୍ରସିଦ୍ଧ ଦେବାଳୟ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା।

କେବଳ ଏତିକି ନୁହେଁ, ଅରିତାରରେ କାଲି ଖୋଲା ଓ ଚାଙ୍ଗେ ନାମରେ ଦୁଇଟି ଜଳପ୍ରପାତ ବି ରହିଛି। ସେହିପରି ଏଠାରେ ଅଛି ଏକ ଫୁଲ ବଗିଚା, ଯେଉଁଠାରେ ନାନାଦି ପ୍ରଜାତିର ଆକର୍ଷଣୀୟ ଫୁଲର ସମ୍ଭାର ଦେଖିବାକୁ ମିଳିଥାଏ।

### ଟ୍ରେକିଂର ମଜା ନେଇହେବ

ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଦୁଃସାହସିକ ପର୍ଯ୍ୟଟନର ମଜା ନେବାକୁ ଚାହୁଁଥିଲେ ଅରିତାରଠୁ ବଳି ଭଲ ସ୍ଥାନ ଆଉ କ'ଣ ହୋଇପାରେ। କାରଣ ଏଠାରେ ଥିବା ସୁନ୍ଦର ଜଙ୍ଗଲ, ଲମ୍ବା ଲମ୍ବା ବୃକ୍ଷ ତଥା ବିଶାଳ ପାହାଡ଼ର ଦୃଶ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ। ତା'ଛଡ଼ା ଏଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଟ୍ରେକିଂ ଓ ବୋଟିଂର ମଧ୍ୟ ସୁବିଧା ରହିଛି।












# ୱାଟରୀ ହ୍ୱିଲଚେୟାର୍

ଦକ୍ଷିଣ କୋରିଆର ହେନରୀ କିମ୍ ହେଉଛନ୍ତି ଜଣେ ପ୍ରାଣୀପ୍ରେମୀ। ସେ ଘରେ ୨୦ଟି ଗୋଲ୍ଡ ଫିଶ୍ ପେଟ୍‌ଭାବେ ରଖିଛନ୍ତି। ତେବେ ସେହି ମାଛଙ୍କୁ ନିକଟରେ ସୁଇମ୍ ବ୍ଲାଡର୍ ଡିଜଅର୍ଡର ହୋଇଗଲା। ଫଳରେ ସେଥିରୁ କିଛି ମାଛ ମରିଗଲେ। ଉକ୍ତ ରୋଗରେ ମାଛମାନଙ୍କୁ ପହଁରିବାରେ ସମସ୍ୟା ସୃଷ୍ଟି ହୁଏ। ଫଳରେ ମାଛ ବୁଡି ମରି ଯାଆନ୍ତି। ମାଛଙ୍କର ଏଭଳି ଦଶା ଦେଖି ହେନରୀ ତିଆରି କଲେ ଏମିତି ଏକ ଯନ୍ତ୍ର, ଯାହାକି ସେମାନଙ୍କୁ ପହଁରିବାରେ ସାହାଯ୍ୟ କରିବ। ଫଳରେ ସେମାନେ ଆଗଭଳି ପହଁରିପାରିବେ ଓ ବୁଡି ମରିବେ ନାହିଁ। ଏହି ଯନ୍ତ୍ରକୁ ସେ କହିଲେ ୱାଟରି ହ୍ୱିଲଚେୟାର୍। ଏବେ ଏହି ହ୍ୱିଲଚେୟାର ସାହାଯ୍ୟରେ ମାଛଗୁଡିକ ବେଶ୍ ଭଲଭାବେ ପହଁରିପାରୁଛନ୍ତି।



## କାର୍ଟୁନ କର୍ଣ୍ଣର



# ଦୁଇ ମହାରଥୀ



ସତ୍ୟ ଜେନା



ବଙ୍କିମ୍ ସ୍ୱାଇଁ

ଯାତ୍ରା ଜଗତର ଦୁଇ ମହାରଥୀ। ଏମାନେ ମଞ୍ଚ ଉପରକୁ ଆସନ୍ତିନି। ମଞ୍ଚର ନେପଥ୍ୟରେ ରହି ସବୁକିଛି କରୁଥାନ୍ତି। ଏ ଦୁହେଁ ସବୁବେଳେ ଗୋଟିଏ କଥା ଚିନ୍ତା କରନ୍ତି ଯେ, ରାତି ଅନିଦ୍ରା ହେଇ ଯାତ୍ରା ଦେଖିବାକୁ ଆସୁଥିବା ଜଣେ ବି ଦର୍ଶକ ନିରାଶ ନ ହୁଅନ୍ତୁ। ଏମାନେ ହେଉଛନ୍ତି 'ରଙ୍ଗମହଲ'ର ପ୍ରଯୋଜକ ସତ୍ୟ ଜେନା ଏବଂ ଯାତ୍ରା ଜଗତର ଲୋକପ୍ରିୟ ପରିଚାଳକ ବଙ୍କିମ୍ ସ୍ୱାଇଁ। କୌତୂହଳର ବିଷୟ ଦୁଇଜଣଙ୍କର ଚିନ୍ତାଧାରା ସମାନ। ତାହା ହେଉଛି : ଯାତ୍ରା ବଞ୍ଚୁ। ଆମ ସଂସ୍କୃତି ବଞ୍ଚୁ। ଆମ କଳାକାର ବଞ୍ଚନ୍ତୁ। ଆମର ଦର୍ଶକ ଭଗବାନ ଖୁସିମନରେ ଘରକୁ ଫେରନ୍ତୁ।

**ଭଲ କାହାଣୀ – ଭଲ ନାଟକ :** ଉଭୟ ସତ୍ୟବାବୁ ଓ ବଙ୍କିମ୍‌ବାବୁ ଏକ ସ୍ୱରରେ କହନ୍ତି ଯେ, ଭଲ କାହାଣୀ ହେଲେ ଭଲ ନାଟକ ହେବ। ଆଉ ଭଲ ନାଟକ ହେଲେ ଯାତ୍ରା ସଂସ୍କୃତି ବଞ୍ଚିବ। ସେଥିଲାଗି ଏମାନେ ଚଳିତବର୍ଷ ପାଇଁ କାହାଣୀ ଉପରେ ଗୁରୁତ୍ୱ ଦେଇଛନ୍ତି। ନିଜନିଜର ଅନୁଷ୍ଠାନ ପାଇଁ ପ୍ରାଥମିକତା ଭିତ୍ତିରେ ଭଲ ନାଟକ ଚୟନ କରିଛନ୍ତି। ଉଭୟେ ଏଥର ଚାରିଗୋଟି ଲେଖାଏ ନୂଆ ନାଟକକୁ ନେଇ ଓହ୍ଲେଇନ୍ତି ଯାତ୍ରା ମୈଦାନକୁ। 'ରଙ୍ଗମହଲ'ର ବିଶ୍ୱକର୍ମା ସତ୍ୟ ଜେନାଙ୍କ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି' (ନିର୍ଦ୍ଦେଶକ–ମହେଶ ହାଜରା), 'ମୁଁ ସେଇ ଭଦ୍ରକିଆ ଟୋକା' (ନିର୍ଦ୍ଦେଶକ–ତାପସ ସ୍ୱାଇଁ), 'ସ୍ୱାମୀ ମରିଗଲେ କାନ୍ଦିବି ନାହିଁ' (ନିର୍ଦ୍ଦେଶକ–ଗୁରୁପ୍ରସାଦ ମିଶ୍ର) ଏବଂ 'ବଡ଼ଦାଣ୍ଡ ଭିକାରି' (ନିର୍ଦ୍ଦେଶକ–ଆଶୁତୋଷ ମହାପାତ୍ର)। ସେହିପରି ଚଳିତ ବର୍ଷ ବିଶ୍ୱ ମହାରଣା ସାଜି 'ଅପେରା ସୂର୍ଯ୍ୟମନ୍ଦିର' ଗଢ଼ିଥିବା ବଙ୍କିମ ସ୍ୱାଇଁଙ୍କ ନାଟକଗୁଡ଼ିକ ମଧ୍ୟରେ ରହିଛି 'ପୁଅ ଯିବ ଶାଶୁଘର' (ନିର୍ଦ୍ଦେଶକ–ଅଶ୍ରୁମୋଚନ ମହାନ୍ତି), 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର' (ନିର୍ଦ୍ଦେଶକ–ବିନୋଦ ରାଉତ), 'ଭିତିରି କଥା' (ନିର୍ଦ୍ଦେଶକ–ଲାଲା ବୀରେନ ରାଏ) ଏବଂ 'ମାୟାବିନୀ ମୌସୁମୀ' (ନିର୍ଦ୍ଦେଶକ–କିଶୋର ଖଣ୍ଡୁଆଳ)।

**ଯାତ୍ରାରେ ପାରମ୍ପରିକ ଲୁକ୍ :** ଉଭୟ ରଙ୍ଗମହଲ ଓ ସୂର୍ଯ୍ୟମନ୍ଦିର ଏଥର ଯାତ୍ରାକୁ ପାରମ୍ପରିକ ସୌନ୍ଦର୍ଯ୍ୟ ଫେରେଇ ଆଣିବାକୁ ଚେଷ୍ଟା କରିଛନ୍ତି। ଆଗରୁ ଯାତ୍ରା କହିଲେ ମଞ୍ଚ ଚାରିପଟେ ଝାଲେରି ଲାଗିଥିବ, ମଞ୍ଚ ଉପରେ ଚାନ୍ଦୁଆଟାଏ ପଡ଼ିଥିବ। ତାହାର ଏକ ସ୍ୱତନ୍ତ୍ର ସ୍ୱାଦ ଥିଲା। ମଜାର କଥା ଚଳିତବର୍ଷ ଉଭୟ ବଙ୍କିମ୍‌ବାବୁ ଓ ସତ୍ୟବାବୁ ନିଜନିଜ ଅନୁଷ୍ଠାନରେ ଏହି ଝାଲେରି ଚାନ୍ଦୁଆକୁ ବ୍ୟବହାର କରିଛନ୍ତି। ବଙ୍କିମ୍‌ବାବୁ କହିଛନ୍ତି, ଯେଉଁଭଳି ଭାବରେ ପୁଳାପୁଳା ଷ୍ଟିଲ୍ ବ୍ୟବହାର କରାଯାଉଥିଲା ସେସବୁକୁ ବାଦ୍ ଦିଆଯାଇଛି। ଷ୍ଟିଲ୍‌ର ବ୍ୟବହାର ଫଳରେ ଯାତ୍ରାର ଯେଉଁ ମୌଳିକତା ନିଜସ୍ୱପଣ (ଯେମିତିକି ଚାନ୍ଦୁଆ, ଝାଲେରି) ଆଦି ହଜି ଯାଇଛି। ମାତ୍ର ମୁଁ ଏଥର ଅପେରା ସୂର୍ଯ୍ୟମନ୍ଦିର ଜରିଆରେ ତାକୁ ଫେରେଇ ଆଣିବାକୁ ଚେଷ୍ଟା କରିଛି। ଠିକ୍ ସେହି ସମାନ ମତବ୍ୟକ୍ତ କରିଛନ୍ତି ସତ୍ୟ ଜେନା। ସେ କହନ୍ତି, ଷ୍ଟିଲ୍‌କୁ ଏଥର ମୁଁ ବହୁ ପରିମାଣରେ କମେଇ ଦେଇଛି। ଫଳରେ ଗାଡ଼ି ସଂଖ୍ୟା ବି କମିଯାଇଛି। ଅଯଥା କାମରେ ବେଶି ଖର୍ଚ୍ଚ ହେଉଥିଲା। ସେହି ଅର୍ଥ ଭଲ କାମରେ ଲାଗୁ ତାହା ମୋର ଇଚ୍ଛା। ଗେଟ୍‌କୁ ମୁଁ ବେଶି ପ୍ରାଧାନ୍ୟ ଦେଇନାହିଁ। ତା'ର କାରଣ ହେଉଛି ମୋର ମୋ ଦର୍ଶକଙ୍କୁ ଭଲ ନାଟକ ଦେଖେଇବାର ଅଛି। ତେବେ 'ସୂର୍ଯ୍ୟମନ୍ଦିର'ରେ ବଙ୍କିମ୍‌ବାବୁ ଗେଟ୍‌କୁ ଏତେ ବଡ଼ କରି ନ ଥିଲେ ଭଲ ହୋଇଥାନ୍ତା ବୋଲି ମୋର ନିଜସ୍ୱ ମତ। ସେହିଭଳି ଦର୍ଶକଙ୍କ ଆଖିରେ ଯେତେକମ୍ ଲାଇଟ୍ ମାଡ଼ ହେବ ମୁଁ ତାହାର ବନ୍ଦୋବସ୍ତ କରିଛି ବୋଲି କହିଛନ୍ତି ଏହି ପ୍ରଯୋଜକ।

ସୂଚନାଯୋଗ୍ୟ ଯେ, ଉଭୟ ବଙ୍କିମ୍ ସ୍ୱାଇଁ ଏବଂ ସତ୍ୟ ଜେନା ହେଉଛନ୍ତି ଜଣେଜଣେ କଳାର ପୂଜାରୀ। ସତ୍ୟ ଜେନା କେବଳ ଜଣେ ନିରୁତା ମାଲିକ ନୁହନ୍ତ କିମ୍ବା ବଙ୍କିମ୍ ସ୍ୱାଇଁ କେବଳ ଜଣେ ପରିଚାଳକ ନୁହନ୍ତି। ପରିଚାଳକ ହେବା ପୂର୍ବରୁ ବଙ୍କିମ୍‌ବାବୁ ନାଟକ ରଚନା କରୁଥିଲେ। ସେହିପରି ସତ୍ୟବାବୁ ଥିଲେ ଜଣେ ଭଲ ଅଭିନେତା। ମଞ୍ଚରେ ସେ ବହୁବର୍ଷ ଅଭିନୟ କରି ନିଜ ଅଭିନୟ ପ୍ରତିଭାର ପରାକାଷ୍ଠା ଦେଖାଇଛନ୍ତି।

# ଯାତ୍ରା ଏମାନଙ୍କ ପ୍ରଥମ ପ୍ରେମ

ଯାତ୍ରାକୁ ସମସ୍ତେ ଭଲପାଆନ୍ତି। ମାତ୍ର ଏମାନଙ୍କ ପରି ଯାତ୍ରାକୁ କେହି ଭଲ ପାଇ ପାରିବେ ନାହିଁ। ଏମାନେ ବର୍ଷସାରା ଯାତ୍ରା ଦେଖନ୍ତି। ରିହର୍ସାଲ ଠାରୁ ଆରମ୍ଭ ହୁଏ ଏମାନଙ୍କ ଯାତ୍ରାର ଯାତ୍ରା। ସୋସିଆଲ ମିଡିଆ ମାଧ୍ୟମରେ ଏମାନେ ଯାତ୍ରାର ଟିକିନିଖି ବିବରଣୀ ଯୋଗେଇ ଦିଅନ୍ତି ଯାତ୍ରାପ୍ରେମୀ ଦର୍ଶକମାନଙ୍କୁ। କେହିକେହି ଏମାନଙ୍କୁ ପାଗଳ କହନ୍ତି। ତ ଆଉ କେହିକେହି କହନ୍ତି ଯାତ୍ରାପ୍ରେମୀ। ଏହି ଦୁଇ ଯାତ୍ରାପ୍ରେମୀ ହେଉଛନ୍ତି ବଳରାମ ଦାସ ଓ ମାଇକେଲ୍।

ମାଇକେଲ୍‌ଙ୍କ ପ୍ରକୃତ ନାମ ହେଉଛି ବିନୋଦ ବେହେରା। ତେବେ ସେ ସମଗ୍ର ଯାତ୍ରା ଇଣ୍ଡଷ୍ଟ୍ରିରେ ମାଇକେଲ୍ ନାମରେ ପ୍ରସିଦ୍ଧ। ମାଇକେଲ୍‌ଙ୍କ ଘର ବାଙ୍କୀ ବ୍ଲକ୍‌ର ବଳଭଦ୍ର ପଞ୍ଚାୟତ ମାନପୁରସାହି। ମାଟ୍ରିକ୍ ପଢ଼ିବା ପରଠୁ ତାଙ୍କର ଯାତ୍ରା ପ୍ରତି ପ୍ରେମ। ଯା ଭିତରେ ୧୦/୧୫ବର୍ଷ ବିତିଗଲାଣି। ମାଇକେଲ୍ କହନ୍ତି, ଯାତ୍ରା ହେଉଛି ଆମର ନିଜର। ତାକୁ ଘରେଘରେ ପହଞ୍ଚାଇବା ମୋର ଲକ୍ଷ୍ୟ। ମୁଁ ସେଥିଲାଗି ପ୍ରତ୍ୟେକ କଳାକାରଙ୍କୁ ନେଇ ଲାଇଭ୍ କରେ। ସିନ୍ ସବୁକୁ ଲାଇଭ୍ କରେ। ଫଳରେ ଲୋକମାନେ ଘରେ ବସି ମଧ୍ୟ ମାଇକେଲ୍ ଲାଇଭ୍‌ରୁ ଯାତ୍ରାକୁ ଦେଖିପାରନ୍ତି। ଆଉ ଯାତ୍ରା ମଞ୍ଚ ଆଡ଼କୁ ଆକର୍ଷିତ ହୁଅନ୍ତି। ମୁଁ ଯେ କେବଳ ଯାତ୍ରା ଆର୍ଟିଷ୍ଟଙ୍କୁ ଭଲପାଏ ତାହା ନୁହେଁ; ସେମାନଙ୍କର ପରିବାର ସହିତ ମଧ୍ୟ ମିଳାମିଶା କରେ। କାରଣ ସେମାନେ ବହୁ କଷ୍ଟ ସହି ଗୋଟିଏ ଗୋଟିଏ କଳାକାର ଉପହାର ଦେଇଛନ୍ତି ଯାତ୍ରାଜଗତକୁ।



ମାଇକେଲ



ବଳରାମ ଦାସ

ବଳରାମ ଦାସଙ୍କୁ ଯାତ୍ରାପ୍ରେମୀଙ୍କ ନିକଟରେ ଆଉ ପରିଚିତ କରେଇବାର ଆବଶ୍ୟକତା ନାହିଁ। ପ୍ରତ୍ୟେକ ଯାତ୍ରା କଳାକାର, ଯାତ୍ରା ଦର୍ଶକ, ଯାତ୍ରା ମାଲିକ, ଯାତ୍ରା ପରିଚାଳକ ସମସ୍ତଙ୍କ ପାଖରେ ଏକ ଅତି ପରିଚିତ ନାଁ ବଳରାମ ଦାସ। ବୃତ୍ତିରେ ଇଞ୍ଜିନିୟର। ତଥାପି ସିଫ୍ଟ ବଦଳେଇ ରାତିରେ ସେ ଧାଇଁ ଆସନ୍ତି ଯାତ୍ରାକୁ। ନିଜ ଖର୍ଚ୍ଚରେ ଘରଭଡ଼ା ନେଇ ରହନ୍ତି। ଖୁସିରେ ହୁଏତ କେବେ କେହି ତାଙ୍କୁ କିଛି ଦେଇ ପାରିଥାଏ, ହେଲେ ଯାତ୍ରାକୁ ନେଇ, ଯାତ୍ରାର କଳାକାରଙ୍କୁ ଘରେ ଘରେ ପରିଚିତ କରିବା ନେଇ ବଳରାମ ଯାହା କରିଛନ୍ତି ତାହାର ମୂଲ୍ୟ କେବେ କେହି ଦେଇପାରିବ ନାହିଁ। ଆଜି ଯଦି ଯାତ୍ରା କଳାକାରଙ୍କ ଠୁ ଆରମ୍ଭ କରି ମଞ୍ଚ ପଛରେ ଥିବା ମଣିଷଙ୍କୁ ପ୍ରତ୍ୟେକ ଲୋକ ଜାଣିଛନ୍ତି ତାହା ପଛରେ ରହିଛି ବଳରାମ ଦାସଙ୍କର ହାତ।


ଯାତ୍ରାର ପ୍ରଚାର ପ୍ରସାର ପାଇଁ ବଳରାମ କିମ୍ବା ମାଇକେଲ୍‌ଙ୍କୁ କେହି ଦାୟିତ୍ୱ ଦେଇନି। ମାତ୍ର ଏହାକୁ ସେମାନେ ନିଜର ଦାୟିତ୍ୱ ବୋଲି ମାନି ନେଇଛନ୍ତି। ସେମାନେ ଜାଣିଛନ୍ତି – ଯାତ୍ରାର ପ୍ରଚାର ପ୍ରସାର କଲେ ପ୍ରଶଂସା ହୁଏ ତ ମିଳି ନ ପାରେ। ଲୋକେ ନାକଟେକି ପାରନ୍ତି। ସେମାନଙ୍କୁ ପାଗଳ କହି ଘୃଣା ବି କରିପାରିନ୍ତି। ତଥାପି ସେମାନେ ତାହା କରୁଛନ୍ତି। କାରଣ ଯାତ୍ରା ହେଉଛି ଏ ଦୁଇ ଜଣଙ୍କର ପ୍ରଥମ ପ୍ରେମ। ସେମାନଙ୍କ ପାଇଁ କଳା ହେଉଛି ପୂଜା। ଆଉ କଳାକାର ହେଉଛନ୍ତି ଜଣେଜଣେ ଭଗବାନ। ସେହି କଳା ଆଉ କଳାକାରଙ୍କ ପୂଜା କରିବା ଉଭୟ ମାଇକେଲ ଓ ବଳରାମଙ୍କ ପାଇଁ ପାଲଟିଛି ପ୍ରାଥମିକ କାର୍ଯ୍ୟ।



# ବ୍ରିଟେନ୍‌ରେ ବଢୁଛି ଏସିଡ୍ ଆଟାକ୍

ବ୍ରିଟେନ୍‌ରେ ଏସିଡ୍ ଆତଙ୍କ ବଢୁଛି ବୋଲି ଏକ ସର୍ବେକ୍ଷଣ ପ୍ରକାଶ କରିଛି। ଏହି ସର୍ବେକ୍ଷଣ ଯେଉଁ ପରିସଂଖ୍ୟାନ ନେଇଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ପ୍ରତି ସପ୍ତାହରେ ବ୍ରିଟେନରେ ୧୫ଜଣ ଏସିଡ୍ ଆକ୍ରମଣର ଶିକାର ହେଉଛନ୍ତି। ତେବେ ଏହାଠୁ ବଳି ବଡ଼ ଉଦ୍‌ବେଗଜନକ ତଥ୍ୟ ହେଉଛି ଯେଉଁମାନେ ଏସିଡ୍ ଆକ୍ରମଣର ଶିକାର ହେଉଛନ୍ତି ସେମାନେ ଜଣେଜଣେ ପିଲା ହୋଇଥିବା ବେଳେ ସେହି ପିଲାମାନେ ମଧ୍ୟ ଏସିଡ୍ ଆକ୍ରମଣ କରୁଛନ୍ତି। ବିଶେଷକରି ଟିନିଏଜ୍‌ରେ ପଦାର୍ପଣ କରିବାକୁ ଯାଉଥିବା ପିଲାମାନେ ଶିଶୁମାନଙ୍କୁ ଟାର୍ଗେଟ୍ କରିଛନ୍ତି। ତଥ୍ୟ ଅନୁଯାୟୀ ୨ରୁ ୬ବର୍ଷ ବୟସର ପିଲାଙ୍କୁ ସର୍ବାଧିକ ସଂଖ୍ୟାରେ ଏସିଡ୍ ଆଟାକ୍ କରାଯାଇଛି। ଏହାକୁ ସାଧାରଣ ଲୋକେ ଅତ୍ୟନ୍ତ ସଙ୍ଗିନ୍ ବୋଲି ବିବେଚନା କରିଛନ୍ତି। ପିଲାମାନଙ୍କ ଠାରେ ଏଭଳି ମାନସିକତା କାହିଁକି ବୃଦ୍ଧି ପାଉଛି ତାହାକୁ ନେଇ ସର୍ବେକ୍ଷଣକାରୀମାନେ ଚିନ୍ତା ପ୍ରକଟ କରିଛନ୍ତି।

## ବ୍ୟାକ୍ ପେଜ୍



# ବିଲେଇ ପିନ୍ଧୁଛନ୍ତି ନିଜ ଲୋମରେ ତିଆରି କ୍ୟାପ୍

**ପୋ**ଷା ପ୍ରାଣୀଭାବେ ଅନେକେ ବିଲେଇ ରଖିବାକୁ ପସନ୍ଦ କରନ୍ତି। ସେମାନଙ୍କ ସୁନ୍ଦର କମନୀୟ ଚେହେରା, ଗେହ୍ଲେଇ ହେବା ଲୋକଙ୍କ ମନ ଜିଣିନିଏ। ଅନେକେ ତ ନିଜ ପୋଷା ବିଲେଇକୁ ବିଭିନ୍ନ ବେଶରେ ସଜେଇ ମଧ୍ୟ ଥାଆନ୍ତି। ଯାହାଫଳରେ ସେମାନେ ଆହୁରି ସୁନ୍ଦର ଲାଗନ୍ତି। ଜାପାନର ଫଟୋଗ୍ରାଫର୍ ର୍ୟୋ ୟାମାଜାକି ଓ ତାଙ୍କ ସ୍ତ୍ରୀ ହିରୋମୀ କ୍ୟାମ୍ ବି ଘରେ ବିଲେଇ ରଖିଥିଲେ। ଆଉ ସେମାନେ ଏହି ଦମ୍ପତିଙ୍କର ବହୁତ ପ୍ରିୟ। ତେବେ ଉକ୍ତ ଦମ୍ପତି ନିଜ ପୋଷା ବିଲେଇଙ୍କୁ ସଜେଇବା ପାଇଁ ଏକ ଭିନ୍ନ ଉପାୟ ଆପଣେଇଛନ୍ତି। ବିଲେଇ ଶରୀରରୁ ଛିଣ୍ଡି ଏଠିସେଠି ପଡୁଥିବା ଲୋମକୁ ସଂଗ୍ରହ କରି ସେଥିରେ ସେମାନେ ତିଆରି କରିଛନ୍ତି ଭାଇକିଂ ହେଲମେଟ୍, ପାଇଲଟ୍ଙ୍କ ହ୍ୟାଟ୍, ଡକ୍ କ୍ୟାପ୍, ଡିଟେକ୍ଟିଭ୍ କ୍ୟାପ୍ ଆଦି ଭଳି ବିଭିନ୍ନ ପ୍ରକାରର ଆକର୍ଷକ ଛୋଟ ଛୋଟ ଟୋପି। ଏସବୁକୁ ପିନ୍ଧି ତାଙ୍କ ପୋଷା ବିଲେଇ ଲାଗନ୍ତି ବହୁତ କ୍ୟୁଟ୍। ସେସବୁର ଫଟୋ ଉଠାଇ ସେମାନେ ସୋସିଆଲ୍ ମିଡିଆରେ ବି ପୋଷ୍ଟ କରିଛନ୍ତି, ଯାହାକୁ ସମସ୍ତେ ବେଶ୍ ପସନ୍ଦ କରୁଛନ୍ତି।









# ଲମ୍ବା ଜିଭ ଥିବା ଶିଶୁ

**ଓ**କଲାହାମର ଫାରା ରଥ୍ ଗର୍ଭବତୀ ଥିବା ସମୟରେ ଅଲଟ୍ରାସାଉଣ୍ଡ କରାଇଥିଲେ ଆଉ ଯାହା ଦେଖିଲେ ତାଙ୍କୁ ବେଶ୍ କୌତୂହଳମୟ ଲାଗିଥିଲା। ଅଲଟ୍ରାସାଉଣ୍ଡ ଦେଖିଲେ ଲାଗୁଥିଲା ତାଙ୍କ ଗର୍ଭସ୍ଥ ଛୁଆଟି ଜିଭ ବାହାର କରି ଖିତେଇ ହେବା ପରି ରହିଛି। ହେଲେ ତାହା ଯେ ଏକ ସାଧାରଣ ଘଟଣା ନୁହେଁ ସେ ଜାଣି ନ ଥିଲେ। ଶିଶୁଟି ଜନ୍ମ ହେବା ପରେ ଜଣାଗଲା ପିଲାଟି ବଡ଼ ଜିଭ ନେଇ ଜନ୍ମ ହୋଇଛି। ଆଉ ସେ ବେକ୍ୱିଥ ୱିଡମାନ୍ ସିଣ୍ଡ୍ରୋମ (ବିଡବ୍ଲ୍ୟୁଏସ୍) ନାମକ ଏକ ବିରଳ ଓଭରଗ୍ରୋଥ୍ ରୋଗରେ ଆକ୍ରାନ୍ତ। ଫଳରେ ତା'ର ଅସ୍ୱାଭାବିକ ଭାବେ ଜିଭ ବଢ଼ିଛି ଓ ଜିଭ ବାହାରକୁ ବାହାରି ରହିଛି। ଏଥିପାଇଁ ବେକର୍ ରଥ୍ ନାମକ ଏହି ଶିଶୁକୁ ଖାଇବା, ପିଇବା ଆଦିରେ ସମସ୍ୟା ହେଉଥିଲା। ଶେଷରେ ଡାକ୍ତର ଅସ୍ତ୍ରୋପଚାର କରି ଜିଭର ଆକାରକୁ ଛୋଟ କରିଛନ୍ତି। ଏବେ ପିଲାଟିକୁ ଖାଇବା, ପିଇବା ଓ କଥା କହିବା ଶିଖାଯାଉଛି। କେବଳ ଏହି ସମସ୍ୟା ଦେଇ ପିଲାଟି ଗତି କରୁ ନାହିଁ, ବରଂ ସେ ହେପାଟୋବ୍ଲାଷ୍ଟୋମା ନାମକ ଏକ ବିରଳ କ୍ୟାନ୍ସରରେ ବି ଆକ୍ରାନ୍ତ। ତେବେ ଏକଥା ଜାଣି ନଥିବା ବେକର୍ କିନ୍ତୁ ବେଶ୍ ଖୁସ୍ ମିଜାଜ୍‌ର ଅଟେ।





# ଏକାକୀ ମହିଳାଙ୍କ ଭରସା ରାଜି ଆକ୍କା

**ଚେ**ନ୍ନାଇର ପିଭି ରାଜି ଅଶୋକ ଜଣେ ଅଟୋ ଚାଳିକା। ମଧ୍ୟରାତ୍ର ହେଉକି ଉଦୁଉଦିଆ ଖରାବେଳ, ସେ କେବେ ବି କୌଣସି ମହିଳାଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାକୁ ମନା କରି ନ ଥାଆନ୍ତି । ୮-୯ ଘଣ୍ଟିଆ ଶିଫ୍ଟ ସରିଯାଇଥିଲେ ହେଁ ସେ ନାଇଟ୍ ଡ୍ୟୁଟିକୁ ଯାଉଥିବା ମହିଳା ହୁଅନ୍ତୁ ଅବା ଲେଟ ନାଇଟ୍ ଫ୍ଲାଇଟ୍ ଧରିବାକୁ ଥିବା ମହିଳାଙ୍କୁ ସୁରକ୍ଷିତଭାବେ ନେଇଥାଆନ୍ତି। ତେଣୁ ସେ ସମସ୍ତଙ୍କର ପ୍ରିୟ ରାଜି ଆକ୍କା(ଭଉଣୀ) ପାଲଟିଛନ୍ତି। ତେବେ ରାଜିଙ୍କର ସର୍ତ୍ତଥାଏ ଯେ, ଅତିକମ୍‌ରେ ଏକ ଘଣ୍ଟା ଆଗରୁ ବୁକ୍ କରିବାକୁ ହେବ। ଦୀର୍ଘ ୨୦ ବର୍ଷ ହେବ ସେ ଅଟୋ ଚଳାଉଛନ୍ତି। ରାଜି ଛୋଟପିଲା, ବୟସ୍କ ବ୍ୟକ୍ତି ଓ ଭଡା ଦେବା ପାଇଁ ପାଖରେ ଟଙ୍କା ନ ଥିବା ମହିଳାଙ୍କୁ ମାଗଣାରେ ନିଅନ୍ତି। ଦିନକୁ ସେ ୩୦ଟି ଟ୍ରିପ୍ ନେଇଥାଆନ୍ତି। ଆଉ ମାସିକ ୩୦-୪୦ ହଜାର ଟଙ୍କା ରୋଜଗାର କରନ୍ତି। ରାଜି ପ୍ରକୃତରେ କେରଳ, ପଲ୍ଲକଡର ଅଟନ୍ତି। ଗ୍ରାଜୁଏଶନ୍ କରିବା ସମୟରେ ସେ ଅଶୋକ ନାମକ ଅଟୋ ଡ୍ରାଇଭର୍‌ଙ୍କୁ ଭଲ ପାଇ ବିବାହ କଲେ। ଆଉ ସେମାନେ କୋଏମ୍ବାଟୋର ଚାଲିଗଲେ। ସେଠି ଅଶୋକ ଅଟୋ ଚଳାଇଲେ ଓ ରାଜି ଟ୍ରାଭେଲ ଏଜେନ୍ସିରେ ଆକାଉଣ୍ଟାଣ୍ଟ ଭାବେ କାମ କଲେ। ୧୯୯୮ରେ କୋଏମ୍ବାଟୋରରେ ବିସ୍ଫୋରଣ ଘଟଣା ଘଟିବା ପରେ ସେମାନେ ଚେନ୍ନାଇ ଚାଲିଯାଇଥିଲେ। ସେଠାରେ କିନ୍ତୁ ଚାକିରି ନ ମିଳିବାରୁ ସେ ନିଷ୍ପତ୍ତି ନେଲେ ସ୍ୱାମୀଙ୍କ ପରି ଅଟୋ ଚଳାଇବେ। ପ୍ରାରମ୍ଭିକ ସମୟରେ ଅଟୋ ଚଳାଇବା ତାଙ୍କ ପାଇଁ ଏତେ ସହଜ ନ ଥିଲା। ହେଲେ ଏବେ ସେ ଏହି କାମରେ ବେଶ୍ ପାରଙ୍ଗମ। ଖାସ୍ କରି ମହିଳାଙ୍କ ପାଇଁ ସେ ସ୍ୱତନ୍ତ୍ର ସେବା ପ୍ରଦାନ କରୁଛନ୍ତି। ତେଣୁ ସେ ମହିଳାଙ୍କର ପ୍ରିୟ ପାଲଟିଛନ୍ତି। ତାଙ୍କୁ କଲେଜରେ ମୋଟିଭେଶନାଲ୍ ଟକ୍ ପାଇଁ ବି ନିମନ୍ତ୍ରଣ କରାଯାଉଛି। ଚେନ୍ନାଇର ୧୩ଟି କଲେଜରେ ଟକ୍ ଦେଇସାରିଲେଣି। ଏହାଛଡା ସେ ମହିଳାଙ୍କୁ ମାଗଣାରେ ଅଟୋ ଚଳାଇବା ତାଲିମ ବି ଦେଉଛନ୍ତି।

